ସକାଳ
THE SAKALA
ସିନ୍ଦୁରା
ରବିବାର
ଅକ୍ଟୋବର ୨୫- ୩୧, ୨୦୨୬
www.sakalaepaper.com

ନୂଆ ଦିଶାରେ ଓଡ଼ିଆ ସିନେମା

ରଜ ଓ ଦଶହରା ସହିତ ଓଲିଉଡ୍‌ର ସଂପର୍କ ବେଶ୍ ପୁରୁଣା । କାରଣ ପ୍ରତିବର୍ଷ ରଜ ଓ ପାର୍ବଣ ସମୟରେ ନୂଆ ଓଡ଼ିଆ ସିନେମା ରିଲିଜ୍ ହୋଇଥାଏ । ଚଳିତବର୍ଷ ଦଶହରାରେ ରିଲିଜ୍ ହୋଇଛି ଛଅଟି ଓଡ଼ିଆ ଚଳଚ୍ଚିତ୍ର । ପ୍ରତିଦିନ ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭିଡ଼ ଲାଗୁଛି ସିନେମା ଦେଖିବା ପାଇଁ । ମୌଳିକ କାହାଣୀ, ନୂତନ ଟେକ୍ନୋଲୋଜିର ପ୍ରୟୋଗ, ବରିଷ୍ଠ ଓ ଯୁବ କଳାକାରଙ୍କ ଦମଦାର୍ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରୁଛି । ଏକଦା ଦର୍ଶକ ଓଡ଼ିଆ ଚଳଚ୍ଚିତ୍ରରୁ ମୁହଁ ଫେରାଇ ନେଉଥିଲେ । ତେବେ ବିଗତ କିଛିବର୍ଷ ହେଲା କେତେଜଣ ଯୁବ ଲେଖକ, ନିର୍ଦ୍ଦେଶକ, କଳାକାରଙ୍କ ଅକ୍ଳାନ୍ତ ପରିଶ୍ରମ, ସୃଜନଶୀଳ ପ୍ରତିଭା ଯୋଗୁଁ ସିନେମାରେ ଆସିଛି ଅନେକ ପରିବର୍ତ୍ତନ । ପାରମ୍ପରିକରୁ ଟିକିଏ ଦୂରେଇ ନୂତନ ଧରଣର ଫିଲ୍ମ ନିର୍ମାଣର ଧାରା ଆରମ୍ଭ ହୋଇଛି । ଚଳିତବର୍ଷ ଦଶହରାରେ ରିଲିଜ ହୋଇଥିବା ଚଳଚ୍ଚିତ୍ରଗୁଡ଼ିକର ବିଶେଷତ୍ୱକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

ଓଡ଼ିଆ ଚଳଚ୍ଚିତ୍ର ଓ ଦଶହରାର ସଂପର୍କ ଅତି ନିବିଡ଼ । ଦଶହରା ସମୟରେ ଚଳଚଞ୍ଚଳ ହୋଇଉଠିଥାଏ ଓଲିଉଡ୍ ଇଣ୍ଡଷ୍ଟ୍ରି । ଏହି ସମୟରେ ନୂଆ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ମୁକ୍ତିଲାଭ କରିଥାଏ । ପାର୍ବଣରେ ଦର୍ଶକଙ୍କ ହୃଦୟ ଜିଣିବା ପାଇଁ ପ୍ରଯୋଜକଙ୍କଠାରୁ ଆରମ୍ଭ କରି ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଟେକ୍ନିସିଆନ୍, ଗୀତିକାର, କଣ୍ଠଶିଳ୍ପୀଙ୍କ ପର୍ଯ୍ୟନ୍ତ ସମସ୍ତେ ଲାଗିପଡ଼ିଥାନ୍ତି । ଦଶହରା ବଜାରରେ ନୂଆ ସିନେମାର ଗୀତଗୁଡ଼ିକ ଟ୍ରେଣ୍ଡରେ ଥାଏ । ସିନେମା ଦେଖିବା ପାଇଁ ପ୍ରେକ୍ଷାଳୟଗୁଡ଼ିକରେ ସିନେପ୍ରେମୀଙ୍କ ବେଶ୍ ଭିଡ଼ ଜମିଥାଏ । ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଦଶହରାରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ରଗୁଡ଼ିକର ବିଶେଷତ୍ୱକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି: 'ସକାଳ' ବ୍ୟୁରୋ

ଚଳିତବର୍ଷ ଦଶହରାରେ ଛଅଟି ସିନେମା ରିଲିଜ୍ ହୋଇଛି । ଦଶହରା ବଜାରକୁ ସରଗରମ କରି ପୂର୍ଣ୍ଣପ୍ରେକ୍ଷାଳୟରେ ଆଗେଇ ଚାଲିଛି 'ମଧୁମାଳତୀ', 'ଆଗ୍ନେ ୱେଡ୍‌ସ ମିନଲ୍', 'ଡେଞ୍ଜର୍ ଦେବଦାସ', 'ଗେମ୍ ଓଭର୍', 'ମୋହନ ଗିରି' ଓ 'ମନଷ୍ଟର' ଚଳଚ୍ଚିତ୍ର । ଅଶି ଦଶକର ପ୍ରେମ ଓ ରୋମାଞ୍ଚକୁ ନେଇ ରୁପେଲି ପରଦାରେ ରାଜ୍ କରୁଛି 'ମଧୁମାଳତୀ' । ରିଲିଜ୍ ପୂର୍ବରୁ ସିନେମାର କାହାଣୀ, ଗୀତ, କଳାକାରଙ୍କୁ ନେଇ ଖୁବ୍ ଚର୍ଚ୍ଚା ଲାଗି ରହିଥିଲା । ସିନେମାର ମୁଖ୍ୟ ଆକର୍ଷଣ ହେଉଛନ୍ତି ବଲିଉଡ୍ ଅଭିନେତା ସଂଜୟ ମିଶ୍ର । ସଂଜୟ ଓ ମହାଶ୍ୱେତାଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ସିନେମାର କାହାଣୀ,ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଏହାର ମୌଳିକ କାହାଣୀ ସବୁ ବୟସର ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି । ସେହିପରି ମହାଶ୍ୱେତାଙ୍କ ଏକ ସଂଳାପ ରହିଛି 'ସାରା ଜୀବନ ଜଣକ ସହିତ ରହିବା ପ୍ରେମ ନୁହେଁ, ସାରା ଜୀବନ ଜଣକୁ ଛାତିରେ ରଖିବା ହିଁ ପ୍ରେମ ।' ଯାହାକି ଖୁବ୍ ହୃଦୟସ୍ପର୍ଶୀ ହୋଇଛି । ଅଶି ଦଶକର ରୋମାଣ୍ଟିକ୍ ପ୍ରେକ୍ଷାପଟକୁ ନେଇ ନିର୍ମିତ ଏହି ସିନେମାରେ ଆବେଗ, ସରଳତା ଓ ସେହି ପୁରୁଣା ଭଲପାଇବାକୁ ଦର୍ଶକେ ଅନୁଭବ କରିଛନ୍ତି ।

ସେପଟେ ମନୋଜ ମିଶ୍ରଙ୍କ 'ଏବ୍ଲ୍ୟୁଏମ୍' ବା 'ଆଗ୍ନେ ୱେଡ୍‌ସ ମିନଲ୍'କୁ ନେଇ ଚର୍ଚ୍ଚା ଲାଗି ରହିଛି । ସମ୍ପୂର୍ଣ୍ଣ ନୂତନ ଚରିତ୍ରରେ ମନୋଜ ମିଶ୍ରଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ଏହି ସିନେମାରେ ସମାଜରେ ଦିବ୍ୟାଙ୍ଗଙ୍କ ଭାବପ୍ରବଣତାକୁ ଅତି ଚମତ୍କାର ଭାବେ ପ୍ରଦର୍ଶିତ କରାଯାଇଛି । ମନୋଜଙ୍କ ବିପକ୍ଷରେ ନାୟିକା ଅଛନ୍ତି ଅର୍ଲିନ ଅଙ୍କିତା । ସେହିପରି ଉଷସୀ ମିଶ୍ର, ଶକ୍ତି ବରାଳ, ସଞ୍ଜୟ ମହାପାତ୍ର, ଆକାଶ ଓ ପି. ସୀମାଙ୍କ ଭଳି ଅଭିଜ୍ଞ କଳାକାରଙ୍କ ଅଭିନୟ ମଧ୍ୟ ଦର୍ଶକଙ୍କ ମନଛୁଆଁ ହୋଇପାରିଛି । ନିର୍ଦ୍ଦେଶନାରେ ରିଷଭ ଅଗ୍ରୱାଲ ଥିବାବେଳେ କାହାଣୀ ରଚନା କରିଛନ୍ତି ନାରାୟଣ ରାଉତ, ମନୋଜ ମିଶ୍ର ଓ ରିଷଭ ଅଗ୍ରୱାଲ ।

ପାର୍ବଣରେ ରିଲିଜ୍ ହୋଇଥିବା ଆଉ ଏକ ଚର୍ଚ୍ଚିତ ଚଳଚ୍ଚିତ୍ର ହେଉଛି 'ଗେମ୍ ଓଭର୍' । ଯୁବ ନିର୍ଦ୍ଦେଶକ ରାଜା ଡି.ଙ୍କ ନିର୍ଦ୍ଦେଶିତ ତଥା ଅର୍ଦ୍ଧେନ୍ଦୁଙ୍କ ଅଭିନୀତ ଏହି ଚଳଚ୍ଚିତ୍ରରେ ଦର୍ଶକେ ଆକ୍ସନ ଓ ରୋମାନ୍ସର ମଜା ନେଉଛନ୍ତି । ଅର୍ଦ୍ଧେନ୍ଦୁଙ୍କ ନାୟିକା ଭାବେ ବୁଲବୁଲି ସୁପ୍ରିୟାଙ୍କ ଅଭିନୟ ଦେଖିବାକୁ ଦର୍ଶକଙ୍କ ଭିତରେ ଉତ୍ସୁକତା ଲାଗିରହିଛି । ଫିଲ୍ମ ରିଲିଜ୍ ପୂର୍ବରୁ 'ଯନ୍ତାଳ' ଗୀତ ବେଶ୍ ପ୍ରଶଂସା ସାଉଁଟିଛି । ସେଭଳି ଦଶହରାରେ ମୁକ୍ତିଲାଭ କରିଥିବା 'ଡେଞ୍ଜର ଦେବଦାସ'କୁ ନେଇ ସରଗରମ ଆଲୋଚନା ହେଉଛି । ଅମ୍ଲାନଙ୍କ ପୂରା ଡେଞ୍ଜର ଲୁକ୍ ସହ ଘୋଷ ଦାଦା ଚରିତ୍ରରେ ଅଭିନେତା ଜ୍ୟୋତିଙ୍କ ହୃଦୟସ୍ପର୍ଶୀ ଅଭିନୟ ଦେଖିବାକୁ ମିଳିଛି । 'ଡେଞ୍ଜର ଦେବଦାସ'ର ସଂଳାପ ସହିତ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କ ମନମୋହୁଛି । ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ।

ପୂଜା ବଜାରରେ ରିଲିଜ ହୋଇଥିବା ଆଉ ଏକ ସିନେମା 'ମନଷ୍ଟର' । ଏହି ଚଳଚ୍ଚିତ୍ରରେ କିଲର୍ ଭୂମିକାରେ ଅଭିନୟ କରିଛନ୍ତି ଆଦିତ୍ୟ ମହାପାତ୍ର । ପ୍ରଶଂସକମାନେ ଆଦିତ୍ୟଙ୍କ କିଲର୍ ଲୁକ୍‌କୁ ବେଶ୍ ପସନ୍ଦ କରିଛନ୍ତି । ଆଦିତ୍ୟଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ଦିବ୍ୟଜ୍ୟୋତି ତ୍ରିପାଠୀ । 'ମନଷ୍ଟର'ରେ ଅଭିନେତ୍ରୀ ମହାଶ୍ୱେତା ରାୟ ଏକ ପାର୍ଶ୍ୱ ଚରିତ୍ରରେ ଅଭିନୟ କରିଛନ୍ତି । 'ମନଷ୍ଟର'ର ଦମଦାର୍ ଆକ୍ସନ ଦର୍ଶକଙ୍କୁ ଆକୃଷ୍ଟ କରୁଛି । ଦଶହରା ଓଡ଼ିଆ ସିନେମା ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍ ପଡ଼ି ନାହିଁ 'ମୋହନଗିରି' ଚଳଚ୍ଚିତ୍ର । ପ୍ରେମ କାହାଣୀ ଉପରେ ଆଧାରିତ ଏହି ଫିଲ୍ମଟି । ଦୁଇଟି ଜନ୍ମର ପ୍ରେମକାହାଣୀକୁ ପରଦାରେ ଅତି ଚମତ୍କାର ଭାବେ ପ୍ରଦର୍ଶିତ କରାଯାଇଛି । ନବାଗତ ରିୟାଜ୍ ଖାନ୍ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି । 'ମୋହନଗିରି'ରେ ନାୟକ ଭୂମିକାରେ ସାର୍ଥକ ଓ ଦୁଇ ନାୟିକା ଅର୍ଲିନ ଅଙ୍କିତା ଓ ହିରଣ୍ମୟୀଙ୍କ ଅଭିନୟ ଦର୍ଶକଙ୍କୁ ପ୍ରେକ୍ଷାଳୟଆଡ଼କୁ ଆକୃଷ୍ଟ କରୁଛି । ଦଶହରାରେ ରିଲିଜ୍ ହୋଇଥିବା ନୂଆ ଓଡ଼ିଆ ସିନେମାଗୁଡ଼ିକର ମୌଳିକ କାହାଣୀ, ମନଛୁଆଁ ଗୀତ, କଳାକାରଙ୍କ ଚମତ୍କାର ଅଭିନୟ, ଆକ୍ସନ, ନୂଆ ଟେକ୍ନୋଲୋଜିର ପ୍ରୟୋଗକୁ ନେଇ ଦର୍ଶକଙ୍କ ଭିତରେ ଚର୍ଚ୍ଚା ଲାଗି ରହିଛି । ସେପଟେ କେଉଁ ଚଳଚ୍ଚିତ୍ର ଅଧିକ ଦିନ ଧରି ପ୍ରେକ୍ଷାଳୟରେ ରାଜ୍ କରିବ, କେଉଁ ଫିଲ୍ମ ହିଟ୍ ହେବ, କାହାକୁ ମିଳିବ ବ୍ୟାବସାୟିକ ସଫଳତା- ତାକୁ ନେଇ ସିନେ ସମୀକ୍ଷକମାନଙ୍କ ଆଲୋଚନା ଜାରି ରହିଛି । ତେବେ ସଫଳତା, ବିଫଳତା ଉର୍ଦ୍ଧ୍ୱରେ ନୂଆ ଧରଣର ଓଡ଼ିଆ ସିନେମା ଦଶହରାରେ ରିଲିଜ ପରମ୍ପରା ଆଗାମୀ ଦିନରେ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଏକ ନୂଆ ଦିଶା ଦେବ ନିଶ୍ଚୟ । ■

'ମଧୁମାଳତୀ' : ବୟସକୁ ହରାଏ ପ୍ରେମ

ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶନା ଓ ପ୍ରିୟବ୍ରତ ପଣ୍ଡାଙ୍କ କାହାଣୀରେ ନିର୍ମିତ 'ମଧୁମାଳତୀ' ଚଳଚ୍ଚିତ୍ରରେ ୪୫ ବର୍ଷର ବିଚ୍ଛେଦ ପରେ ପ୍ରେମର ପୁନର୍ମିଳନକୁ ଚିତ୍ରଣ କରାଯାଇଛି । ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ରାଙ୍କ ଓଲିଉଡ୍ ପ୍ରବେଶ ଏହାର ଅନ୍ୟତମ ଆକର୍ଷଣ । ମହାଶ୍ୱେତା, ଭୂମିକା, ଆକାଶ ହୋତା ଓ ପ୍ରଜ୍ଞା ମିଶ୍ରଙ୍କ ଅଭିନୟ ଏହାକୁ ସମୃଦ୍ଧ କରିଛି । ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଅଶି ଦଶକର ସେହି ପୁରୁଣା ମଧୁର ଦିନକୁ ଫେରାଇ ନିଏ । କିଶୋର ଅବସ୍ଥାର ସ୍ୱପ୍ନ, ପ୍ରଥମ ଦେଖାର ନିଷ୍ପାପ ପ୍ରେମ, ସଙ୍ଗୀତ ପ୍ରତି ଭଲପାଇବା ଏବଂ ପରିବାରର ସାମାଜିକ ରୀତିନୀତି ଭିତରେ ଦୁଇଟି ହୃଦୟର ବିଚ୍ଛେଦ- ଏହିସବୁ ଘଟଣାକୁ ନେଇ କାହାଣୀ ଗତିଶୀଳ ହୋଇଛି । ସମୟର ଚକ୍ର ପୁଣି ଥରେ ଦୁହିଁଙ୍କୁ ସାମ୍ନାସାମ୍ନି କରାଏ । ଅଶି ଦଶକର ପୋଷାକ, ପାରମ୍ପରିକ ଗହଣା, ବେଶଭୂଷା ଓ ଘରର ସାଜସଜ୍ଜାକୁ ପରଦାରେ ଜୀବନ୍ତ କରିବା ପାଇଁ ନିର୍ମାଣ ଦଳର ପ୍ରୟାସ ପ୍ରଶଂସନୀୟ । ବୈଦ୍ୟନାଥଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଶୀର୍ଷକ ଗୀତଟି ମନକୁ ଛୁଇଁଯାଏ । ଏହା ଏକ ସରଳ, ଖାଣ୍ଟି ଓଡ଼ିଆ ପ୍ରେମ କାହାଣୀ, ଯାହା ଅତୀତ ଓ ବର୍ତ୍ତମାନର ପ୍ରେମ ଭିତରେ ଥିବା ଫରକ ସହ ବାପା-ମାଆଙ୍କ ପ୍ରତି କର୍ତ୍ତବ୍ୟ ଓ ପାରିବାରିକ ମୂଲ୍ୟବୋଧକୁ ମଧ୍ୟ ଗୁରୁତ୍ୱ ଦିଏ । ବୟସ ବଢ଼ିଗଲେ ମଧ୍ୟ ପ୍ରକୃତ ପ୍ରେମ ଶାଶ୍ୱତ ଓ ନିର୍ମଳ ରହିଥାଏ- ଏହା ହିଁ ଏହି ଚଳଚ୍ଚିତ୍ରର ମୂଳ ବାର୍ତ୍ତା ।

'ଡେଞ୍ଜର ଦେବଦାସ'ର ଆକର୍ଷଣ : ଆକ୍ସନ୍ ଓ ଷ୍ଟାର୍

ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡେଞ୍ଜର ଦେବଦାସ' ଆକ୍ସନ୍‌ଧର୍ମୀ ଚଳଚ୍ଚିତ୍ରରେ ଅମ୍ଲାନ ଜ୍ୟୋତି, ଏଲିନା, ଅନିଷା, ପପୁ, ବବି ମିଶ୍ର ଓ କୁନା ତ୍ରିପାଠୀ ଅଭିନୟ କରିଛନ୍ତି । 'କାଙ୍ଗୁଲା'ର ସଫଳତା ପରେ ଅଶ୍ୱିନୀଙ୍କ ଏହି ନୂଆ ଚଳଚ୍ଚିତ୍ରରେ ଅମ୍ଲାନ ଭିନ୍ନ ଆକ୍ସନ୍ ଅବତାରରେ ନଜର ଆସିଛନ୍ତି । ଅମ୍ଲାନଙ୍କ ସଂଳାପ ଓ ଜ୍ୟୋତିଙ୍କ ନୂଆ ଲୁକ୍ ଚର୍ଚ୍ଚାରେ ରହିଛି । ଅମ୍ଲାନ, ଜ୍ୟୋତି ଓ ଏଲିନାଙ୍କ ଅଭିନୟ ସହ ଶେଷ ଦୃଶ୍ୟରେ ସମ୍ବିତ ଆଚାର୍ଯ୍ୟ ଓ ତାପସ ସରଘରିଆଙ୍କ ଉପସ୍ଥିତି ଏହାର ଅନ୍ୟତମ ଆକର୍ଷଣ । ଆକ୍ସନ୍, ସଂଳାପ ଓ ଲୋକପ୍ରିୟ କଳାକାରଙ୍କ ସମାହାର ଏହାର ୟୁଏସ୍‌ପି ।

ପ୍ରେମ ଓ ପରମ୍ପରାର ରହସ୍ୟ 'ମୋହନଗିରି'

ରିଆଜ ଖାନ୍‌ଙ୍କ ନିର୍ଦ୍ଦେଶନାରେ 'ୟୁକେ କ୍ରିଏସନ୍' ବ୍ୟାନରରେ ନିର୍ମିତ 'ମୋହନଗିରି' ଚଳଚ୍ଚିତ୍ରରେ ସାର୍ଥକ, ହିରଣ୍ମୟୀ, ଅର୍ଲିନ ଅଙ୍କିତା, ବିକାଶ ଦାସ, ଉଷଶ୍ରୀ ମିଶ୍ର ଓ ପୁଷ୍ପା ପଣ୍ଡା ଅଭିନୟ କରିଛନ୍ତି । ପ୍ରେମ ସହ ପରମ୍ପରା ଓ ରହସ୍ୟର ସମ୍ମିଶ୍ରଣ ଏହାର ବିଶେଷତ୍ୱ । ଓଡ଼ିଆ ପରିବେଶ ଓ ରହସ୍ୟମୟ କାହାଣୀ ଦର୍ଶକଙ୍କୁ ଆକୃଷ୍ଟ କରିବାର ଉପାଦାନ ରଖିଛି ।

ପ୍ରଯୁକ୍ତି ସହ ଆକ୍ସନ୍‌ର ନୂଆ ପରୀକ୍ଷା : 'ମନଷ୍ଟର'

ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶନା ଓ ଦେବରାଜ ବିଧାରଙ୍କ ପ୍ରଯୋଜନାରେ ନିର୍ମିତ 'ମନଷ୍ଟର' ଫିଲ୍ମରେ ଆଦିତ୍ୟ ଓ ଦିବ୍ୟଜ୍ୟୋତି ମୁଖ୍ୟ ଭୂମିକାରେ ଅଛନ୍ତି । ଫାଇଟ୍ ଦୃଶ୍ୟରେ ରୋବୋଟିକ୍ ଆର୍ମ ମେସିନ୍‌ର ବ୍ୟବହାର ଏହାକୁ ପ୍ରଯୁକ୍ତିଗତ ଦୃଷ୍ଟିରୁ ଚର୍ଚ୍ଚାକୁ ଆଣିଛି । ନୂଆ ଚିତ୍ରଗ୍ରହଣ ପ୍ରଣାଳୀ ଓ ଭିନ୍ନ ଆକ୍ସନ୍ ଉପସ୍ଥାପନା ଏହାର ବିଶେଷ ଆକର୍ଷଣ ।

ଶ୍ୟାମା ପ୍ରସାଦ ମିଶ୍ର

କାହାଣୀରେ ଭିନ୍ନତା, ଅଭିନୟରେ ନୂତନତା

ଦଶହରା ଅବସରରେ ଏଥର ଓଡ଼ିଆ ସିନେମା ଜଗତରେ ଦେଖିବାକୁ ମିଳିଛି ଭିନ୍ନ ଭିନ୍ନ କାହାଣୀ ଓ ପରୀକ୍ଷାମୂଳକ ଚିନ୍ତାଧାରାର ସମାହାର । 'ଆଗ୍ନେ ୱେଡ୍ସ ମିନଲ୍', 'ମଧୁମାଳତୀ', 'ଡେଞ୍ଜର ଦେବଦାସ', 'ମୋହନଗିରି', 'ମନଷ୍ଟର' ଓ 'ଗେମ୍ ଓଭର' ଭଳି ଚଳଚ୍ଚିତ୍ର ବିଭିନ୍ନ ବିଷୟବସ୍ତୁ ଓ ନିର୍ମାଣ ଶୈଳୀ ନେଇ ଦର୍ଶକଙ୍କ ସମ୍ମୁଖକୁ ଆସିଛି । ଆସନ୍ତୁ, ଏହି ଚଳଚ୍ଚିତ୍ରଗୁଡ଼ିକର ବିଶେଷତ୍ୱ ଉପରେ ନଜର ପକାଇବା ।

ମନୋବଳର କାହାଣୀ 'ଡବ୍ଲ୍ୟୁଏମ୍'

ରିଷଭ ଅଗ୍ରୱାଲଙ୍କ ନିର୍ଦ୍ଦେଶିତ 'ଡବ୍ଲ୍ୟୁଏମ୍' ବା 'ଆଗ୍ନେ ୱେଡ୍‌ସ ମିନଲ୍' ଚଳଚ୍ଚିତ୍ରରେ ମନୋଜ ମିଶ୍ର ଓ ଅର୍ଲିନ ଅଙ୍କିତାଙ୍କ ଅଭିନୟ ହୃଦୟସ୍ପର୍ଶୀ ହୋଇପାରିଛି । ଏହା ପ୍ରେମ, ସହଚର୍ଯ୍ୟ ଓ ଅଦମ୍ୟ ମନୋବଳର କାହାଣୀ । ଏହା ଏକ ସରଳ, କିନ୍ତୁ ଶକ୍ତିଶାଳୀ ପ୍ରଶ୍ନ ଉଠାଏ-ପ୍ରକୃତରେ ଦିବ୍ୟାଙ୍ଗ କିଏ? ଆଗ୍ନେ ଦିବ୍ୟାଙ୍ଗ ହେଲେ ମଧ୍ୟ ତାଙ୍କ ସ୍ୱପ୍ନ, ସାହସ ଓ ଦୃଢ଼ ସଂକଳ୍ପର କୌଣସି ସୀମା ନାହିଁ । ମିନଲ୍ ତାଙ୍କ ଶାରୀରିକ ସୀମାବଦ୍ଧତାର ଉର୍ଦ୍ଧ୍ୱରେ ତାଙ୍କୁ ଦେଖି ଜଣେ ସହଚରୀ, ଆତ୍ମବିଶ୍ୱାସର ଉତ୍ସ ଓ ଶକ୍ତିର ଆଧାର ପାଲଟିଯାଆନ୍ତି । ଉଭୟେ ମିଶି ଦିବ୍ୟାଙ୍ଗଙ୍କ ସମ୍ପର୍କରେ ଥିବା ସମାଜର ପାରମ୍ପରିକ ଧାରଣାକୁ ଆହ୍ୱାନ କରନ୍ତି । ପ୍ରକୃତ ସୀମାବଦ୍ଧତା ଶରୀରରେ ନୁହେଁ, ବରଂ ସମାଜର ଚିନ୍ତାଧାରାରେ ଥାଇପାରେ- ଏହା ହିଁ ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ । ଶକ୍ତି ବରାଳ, ଉଷସୀ ମିଶ୍ର, ଜୋଜୋ ଓ ସଞ୍ଜୟ ମହାପାତ୍ର ମଧ୍ୟ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ।

'ଗେମ୍ ଓଭର'ରେ ଆକ୍ସନ୍‌ର ରୋମାଞ୍ଚ

ଅର୍ଦ୍ଧେନ୍ଦୁ ସାହୁଙ୍କ ପ୍ରଯୋଜିତ ଓ ଅଭିନୀତ ଆକ୍ସନ୍‌ଭିତ୍ତିକ ଚଳଚ୍ଚିତ୍ର 'ଗେମ୍ ଓଭର୍'ର ନିର୍ଦ୍ଦେଶକ ରାଜା ଡି. । କୁନା ତ୍ରିପାଠୀ କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି । ଆକ୍ସନ୍, ଉତ୍କଣ୍ଠା ଓ ଦ୍ରୁତଗତିର କାହାଣୀ ଏହାର ମୁଖ୍ୟ ଆକର୍ଷଣ । ଅର୍ଦ୍ଧେନ୍ଦୁଙ୍କ ଅଭିନୟ ସହ କାହାଣୀର ରୋମାଞ୍ଚ ଦର୍ଶକଙ୍କୁ କେତେ ମାତ୍ରାରେ ବାନ୍ଧି ରଖୁଛି, ତାହା ଏହାର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ।

ପ୍ରଚାର ଓ ମାର୍କେଟିଂ ଆବଶ୍ୟକ

ଓଡ଼ିଆ ସିନେମାରେ ବିଷୟବସ୍ତୁର ବିବିଧତା ଓ ନୂଆ ପରୀକ୍ଷା ନିଶ୍ଚିତ ଭାବେ ଆଶାଜନକ । କିନ୍ତୁ ଦୁଃଖର କଥା, ଅନେକ ପ୍ରଯୋଜକ ପ୍ରଚାର ଓ ମାର୍କେଟିଂ ପ୍ରତି ଆବଶ୍ୟକ ଧ୍ୟାନ ଦେଉନାହାନ୍ତି । ବଡ଼ ବଜେଟ୍‌ରେ ସିନେମା ନିର୍ମାଣ କରିବା ସହ ଦର୍ଶକଙ୍କ ପାଖରେ ତାହାର ସୂଚନା ପହଞ୍ଚାଇବା ପାଇଁ ସୁଚିନ୍ତିତ ଯୋଜନା ମଧ୍ୟ ଆବଶ୍ୟକ । କେବଳ ପୋଷ୍ଟର୍, ଟ୍ରେଲର୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରଚାର କରିଦେଲେ ସବୁ ଶ୍ରେଣୀର ଦର୍ଶକଙ୍କ ପାଖରେ ପହଞ୍ଚିବା ସମ୍ଭବ ନୁହେଁ । ସହରର ଯୁବପିଢ଼ିଙ୍କ ସହ ଗ୍ରାମାଞ୍ଚଳର ଦର୍ଶକ, ପରିବାର, ମହିଳା ଓ ବୟସ୍କଙ୍କୁ ମଧ୍ୟ ଆକୃଷ୍ଟ କରିବାକୁ ହେବ । ଏଥିପାଇଁ ପାରମ୍ପରିକ ପ୍ରଚାର ଓ ଡିଜିଟାଲ୍ ମାର୍କେଟିଂର ସମନ୍ୱୟ ଦରକାର ।

ହିନ୍ଦୀ ସିନେମାର କଡ଼ା ପ୍ରତିଯୋଗିତା ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ରର ସଫଳତା କେବଳ ଷ୍ଟାର୍ କିମ୍ବା ବଜେଟ୍ ଉପରେ ନିର୍ଭର କରେ ନାହିଁ । ମଜବୁତ କାହାଣୀ, ବିଶ୍ୱସନୀୟ ଅଭିନୟ, ଉନ୍ନତ ନିର୍ମାଣ ଓ ସଠିକ୍ ପ୍ରଚାର ହିଁ ଓଡ଼ିଆ ସିନେମାକୁ ଦର୍ଶକଙ୍କ ହୃଦୟରେ ସ୍ଥାନ ଦେଇପାରିବ । ■

ଚଳଚ୍ଚିତ୍ର ଲେଖକ ଓ ସମୀକ୍ଷକ
ମୋ: ୯୭୭୭୫୮୮୮୮୧.

ପ୍ରିୟବ୍ରତ ପଣ୍ଡା

ଓଡ଼ିଆ ସିନେମାର ଦଶା ଓ ଦିଶା

ଆମେ ଭାରତୀୟମାନେ ସବୁ ଶୁଭ କାମ ପାଇଁ ଗୋଟେ ପର୍ବକୁ ଅପେକ୍ଷା କରୁ ସେ ପାଠ ହେଉ ଚାଷ ହେଉ କି ବେଉସା ଆଉ ଏଥିରୁ ଆମ ସିନେମା ବାଦ୍ ପଡ଼ିବ କେମିତି ? ଅଧିକାଂଶ ଓଡ଼ିଆ ସିନେମାର ନିର୍ମାତା ତଥା ନାୟକ ବର୍ଷର ଦୁଇଟି ବଡ଼ ପର୍ବକୁ ଅପେକ୍ଷା କରନ୍ତି । ଗୋଟିଏ ରଜ, ଅନ୍ୟଟି ଦଶହରା । ରଜ ଓ ଦଶହରାରେ ପରଦାକୁ ଆସିବାକୁ ନେଇ ଚାଲେ ପ୍ରତିଯୋଗିତା । ବଡ଼ ତାରକାଙ୍କ ଭିଡ଼ ଜମେ । ଓଡ଼ିଶାରେ ଦଶହରାର ଚମକକୁ ଚାରିଗୁଣ କରେ ଓଡ଼ିଆ ସିନେମା ଆଉ ସିନେମାର ଗୀତ । ବିଗତ ବର୍ଷଗୁଡ଼ିକ ଅପେକ୍ଷା ଏବର୍ଷ ଦଶହରାରେ ଓଡ଼ିଆ ସିନେମା ପାଇଁ ସୃଷ୍ଟି କରିଛି ଏକ ନୂଆ ଉଦାହରଣ, ପ୍ରତିଯୋଗିତା ଶିଖର ଛୁଇଁଛି । ତେବେ ଏ ପ୍ରତିଯୋଗିତା ସିନେମା ବଜାର ପାଇଁ ଅନୁକୂଳ ନା ପ୍ରତିକୂଳ ସେକଥା ବିଚାର ସାପେକ୍ଷ ନିଶ୍ଚୟ ।

ମାଫିଆଙ୍କୁ ବିରୋଧର ଚିତ୍ର

ଅମ୍ଲାନ, ଏଲିନା, ଜ୍ୟୋତି, ବବି ମିଶ୍ର, ପପୁ, ଅନିଶା, ପୁପିନ୍ଦର ସୁଶାନ୍ତଙ୍କ ଭଳି ବହୁ ପରିଚିତ ଚେହେରାଙ୍କୁ ନେଇ ଦଶହରା ବଜାରକୁ ଆସିଛି ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀଙ୍କ 'ଡେଞ୍ଜର ଦେବଦାସ' । ଓଡ଼ିଶା ଉପକୂଳରେ ପଡ଼ୋଶୀ ରାଜ୍ୟର ଦଲାଲ ତଥା ମାଫିଆମାନଙ୍କ ଉପଦ୍ରବ ଓ ସେମାନଙ୍କ ବିରୋଧରେ ଲଢ଼େଇକୁ ନେଇ 'ଡେଞ୍ଜର ଦେବଦାସ' ଚଳଚ୍ଚିତ୍ର ନିର୍ମିତ ହୋଇଛି । ମାଫିଆମାନଙ୍କ ବିରୋଧର ସ୍ୱର ଉତ୍ତୋଳନର ଏ କାହାଣୀ ପାର୍ବଣର ପ୍ରତିଯୋଗିତାକୁ ଆହୁରି ସରଗରମ କରି ଦେଇଛି ।

ପରଦାରେ ପୂର୍ବଜନ୍ମର କାହାଣୀ

ଅଭିନେତା ସାର୍ଥକ ଏବଂ ହିରଣ୍ମୟୀଙ୍କ ଅଭିନୀତ 'ମୋହନଗିରି' ମଧ ଦଶହରା ଲଢ଼େଇରେ ସାମିଲ ହୋଇଛି । ପୂର୍ବଜନ୍ମ କାହାଣୀକୁ ନେଇ ନିର୍ମିତ 'ମୋହନଗିରି' । ଏହି ସିନେମାରେ ଅର୍ଲିନ୍ ଅଙ୍କିତା, ଚୌଧୁରୀ ବିକାଶ ଦାସ, ଉଷସୀ ମିଶ୍ରଙ୍କ ଭଳି ପରିଚିତ ମୁହଁ ଅଭିନୟ କରିଛନ୍ତି । ତେବେ ସୀମିତ ପ୍ରେକ୍ଷାଳୟ ଏ ସିନେମା ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି ।

ନିଆରା ପ୍ରେମକାହାଣୀ

ମନୋଜ ମିଶ୍ର, ଅର୍ଲିନ ଅଙ୍କିତା ଅଭିନୀତ 'ଏଡବ୍ଲ୍ୟୁଏମ୍' ସିନେମାରେ ଜଣେ ସରଳ ସାଧାରଣ ଦିବ୍ୟାଙ୍ଗର ପ୍ରେମକାହାଣୀ ଦେଖାଯାଇଛି । ଏହି ସିନେମାରେ ଅର୍ଲିନଙ୍କ ଅଭିନୟକୁ ଭୂରି ଭୂରି ପ୍ରଶଂସା ମିଳିଛି । ସେଭଳି ଅଭିନେତା ଶକ୍ତି ବରାଳ ଓ ଅଭିନେତ୍ରୀ ଉଷସୀ ମିଶ୍ରଙ୍କୁ ମଧ ଦର୍ଶକ ଖୁବ୍ ପ୍ରଶଂସା କରିଛନ୍ତି । ଦଶହରା ବଜାରରେ ଏପରି ଗୋଟିଏ ସିନେମା ଆଣି ଓଡ଼ିଆ ଦର୍ଶକମାନଙ୍କୁ ଗୋଟେ ନୂଆ ଅନୁଭବ ଦେଇଛନ୍ତି ମନୋଜ ମିଶ୍ର ।

ଅଶି ଦଶକର ପ୍ରେମ କାହାଣୀ

ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶନାରେ ଅଶି ଦଶକର ପ୍ରେମକାହାଣୀକୁ ନେଇ ପରଦାକୁ ଆସିଛି 'ମଧୁମାଳତୀ' ଚଳଚ୍ଚିତ୍ର । ଏହି ସିନେମା ମାଧ୍ୟମରେ ପ୍ରଥମଥର ଓଡ଼ିଆ ସିନେମା ପରଦାରେ ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ରାଙ୍କୁ ଦେଖିବାକୁ ମିଳିଛି । ତାଙ୍କ ବିପକ୍ଷରେ ରହିଛନ୍ତି ମହାଶ୍ୱେତା ରାୟ । ଅଶି ଦଶକର ଲୁକ୍‌ରେ ଆକାଶ ଆଉ ଭୂମିକାଙ୍କ ଯୋଡ଼ିକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି । ଜେନ୍ ଜି ଯୋଡ଼ି ଭାବରେ ସନୋଜ ଆଉ ପ୍ରଜ୍ଞାଙ୍କୁ ନେଇ ଉଭୟ ପିଢ଼ିର ପ୍ରେମକାହାଣୀକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ଏହି ସିନେମାରେ ସବୁଠୁ ବଡ଼ ଆକର୍ଷଣ ହେଉଛି ଏହାର ଗୀତ ।

ତିନୋଟି ଚଳଚ୍ଚିତ୍ରରେ ମହାଶ୍ୱେତା

ସବୁଠୁ ରୋଚକ କଥା ହେଉଛି ଦଶହରାରେ ମୁକ୍ତିଲାଭ କରିଥିବା ଛଅଟି ସିନେମା ମଧ୍ୟରୁ ତିନୋଟି ସିନେମାରେ ମହାଶ୍ୱେତା ଅଭିନୟ କରିଛନ୍ତି । 'ମଧୁମାଳତୀ'ରେ ତାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିବା ବେଳେ 'ଗେମ୍ ଓଭର୍' ଓ 'ମନଷ୍ଟର'ରେ ପାର୍ଶ୍ୱ ଭୂମିକାରେ ଦେଖିବାକୁ ମିଳିଛି । ଏଥି ସହିତ ଅଭିନେତା କେ କେଙ୍କୁ ମଧ ସମାନ ତିନୋଟି ସିନେମାରେ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି । କେବଳ ଅଭିନେତା ଅଭିନେତ୍ରୀ ନୁହନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ଏହି ଦଶହରାରେ 'ମଧୁମାଳତୀ', 'ମନଷ୍ଟର' ଓ 'ମୋହନଗିରି' ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି ।

ଦମଦାର୍ ଆକ୍ସନ

ଓଡ଼ିଆ ଚଳଚ୍ଚିତ୍ର 'ମନଷ୍ଟର' ହେଉଛି ନାୟକ ଆଦିତ୍ୟଙ୍କର ଦ୍ୱିତୀୟ ସିନେମା । ଏହା ତାଙ୍କର ପ୍ରଥମ ଦଶହରା ସିନେମା । ଆଦିତ୍ୟଙ୍କ ବିପକ୍ଷରେ ନାୟିକା ଦିବ୍ୟଜ୍ୟୋତିଙ୍କର ମଧ ଏହା ପ୍ରଥମ ସିନେମା । କିନ୍ତୁ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ପାଇଁ ଦଶହରା ନୂଆ ନୁହଁ, ଏହି ସିନେମାରେ ନିର୍ଦ୍ଦେଶକ ଆଦିତ୍ୟଙ୍କୁ ଦେଇଛନ୍ତି ଗୋଟେ ନୂଆ ରୂପ ଲଭର୍ ବଏରୁ ଆଦିତ୍ୟ ପାଲଟିଛନ୍ତି ଆକ୍ସନ୍ ହିରୋ ଲାଟେଷ୍ଟ ଟେକ୍ନୋଲୋଜି ସାଙ୍ଗକୁ ଦମଦାର୍ ଆକ୍ସନ ହିଁ ଏ ସିନେମାର ସବୁଠୁ ବଡ଼ ଆକର୍ଷଣ ।

ଅର୍ଦ୍ଧେନ୍ଦୁଙ୍କ ଆକ୍ସନ ଅବତାର

ଅଭିନେତା ଅର୍ଦ୍ଧେନ୍ଦୁଙ୍କ ନିଜ ପ୍ରଯୋଜନାରେ ଏବଂ ରାଜା ଡିଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଛି 'ଗେମ୍ ଓଭର' ଚଳଚ୍ଚିତ୍ର । ଅର୍ଦ୍ଧେନ୍ଦୁଙ୍କ ବିପକ୍ଷରେ ଅଭିନେତ୍ରୀ ସୁପ୍ରିୟା ପ୍ରଥମଥର ଅଭିନୟ କରିଛନ୍ତି । ତେବେ ସବୁଥର ପରି ଏଥର ବି ଅର୍ଦ୍ଧେନ୍ଦୁ ତାଙ୍କର ଆକ୍ସନ ଅବତାରରେ ଦେଖା ଦେଇଛନ୍ତି 'ଗେମ୍ଓଭର'ରେ । ପ୍ରଥମ ସପ୍ତାହରେ ସିନେମା ସୀମିତ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ବେଳେ ଆଗାମୀ ଦିନରେ ଅଧିକ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ଆଶା କରାଯାଉଛି ।

ଦଶହରାରେ ଅନୁକୂଳ ହୁଏ, ଅଭିନେତା ଆଦିତ୍ୟ, ଆକାଶ ଓ ସାର୍ଥକ ତାଙ୍କର ପ୍ରଥମ ଦଶହରା ସିନେମା କରିଛନ୍ତି । ନାୟକ ଭାବରେ ମନୋଜ ମିଶ୍ରଙ୍କ ବି ଏହା ପ୍ରଥମ ଦଶହରା ସିନେମା, ବିଗତ ବର୍ଷଗୁଡ଼ିକରେ ଦଶହରାରେ ଦୁଇଟି କିମ୍ବା ତିନୋଟି ସିନେମା ପ୍ରେକ୍ଷାଳୟକୁ ଆସେ । ତେବେ ଚଳିତବର୍ଷ ପ୍ରେକ୍ଷାଳୟରେ ସିନେମାର ଭିଡ଼ ଲାଗିଛି, ଏକା ସାଙ୍ଗରେ ମୁକ୍ତିଲାଭ କରିଛି ଛଅଟି ଓଡ଼ିଆ ସିନେମା । ପୂଜା ବଜାରକୁ ଆଖିରେ ରଖି ଚାରୋଟି ସିନେମା ଭରପୂର ଆକ୍ସନ ଆଉ ମାସ୍ ମସଲା ସହିତ ପରଦାକୁ ଆସିଥିବା ବେଳେ ଏହି ଧାରାରୁ ହଟି ଦୁଇଟି ପ୍ରେମ କାହାଣୀ ସିନେମା ଦେଖିବାକୁ ମିଳିଛି ଦଶହରା ପରଦାରେ ।

ଓଡ଼ିଆ ସିନେମା ପ୍ରତି ବଢ଼ୁଛି ଆଗ୍ରହ

ସାଉଥ୍ ,ବଲିଉଡ ସିନେମାର ଭିଡ଼ ସତ୍ତ୍ୱେ ବି ନିର୍ମାତା ଏତେଗୁଡ଼ାଏ ଓଡ଼ିଆ ସିନେମାକୁ ନେଇ ବଜାରକୁ ଆସିବାକୁ ଅଣ୍ଟା ଭିଡ଼ିଛନ୍ତି । ଯଦିଓ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଗତ କିଛି ଦିନ ଭିତରେ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ଆଗ୍ରହ ଦେଖି ନିର୍ମାତାମାନଙ୍କର ଉତ୍ସାହ ବଢ଼ିଛି । ତେବେ ଏକଥା ବି ସତ ଦର୍ଶକଙ୍କ ଉତ୍ସାହ ତୁଳନାରେ ଓଡ଼ିଆ ସିନେମାର ଭିତ୍ତିଭୂମିରେ କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ । ସିନେମା ସଂଖ୍ୟା ବଢ଼ିବାରେ ଲାଗିଛି ଆଉ ପ୍ରେକ୍ଷାଳୟ ସଂଖ୍ୟା କମିବାରେ ଲାଗିଛି । ନିର୍ମାତାଙ୍କ ପାଇଁ ନିବେଶ ଫେରି ପାଇବାର ମାଧ୍ୟମ ଆଉ ପ୍ରେକ୍ଷାଳୟ ନୁହଁ, ବରଂ ସାଟେଲାଇଟ୍ ଆଉ ଓଟିଟି ହିଁ ଭରସା ।

ବିଗତ ଦିନ ଅପେକ୍ଷା ପ୍ରଚାର ପ୍ରସାରରେ ଅଧିକ ଖର୍ଚ୍ଚ କରାଯାଉଛି ସତ, କିନ୍ତୁ ସବୁ ପ୍ରଚାର କେବଳ ସୋସିଆଲ୍ ମିଡିଆ ଆଉ କଟକ ଭୁବନେଶ୍ୱର ଭିତରେ ସୀମିତ । ଯେମିତି ଓଡ଼ିଆ ସିନେମାର ଦର୍ଶକ କେବଳ କଟକ ଆଉ ଭୁବନେଶ୍ୱରରେ ଅଛନ୍ତି, ନା ନିର୍ମାତା ନା ଅଭିନେତା ଅଭିନେତ୍ରୀ କେହିବି ଅନ୍ୟ ଜିଲ୍ଲାର ଦର୍ଶକମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା ବି କରୁନାହାନ୍ତି । ଅନେକ ଜିଲ୍ଲାରେ ସିନେମା ହଲ ନାହିଁ, ଇଚ୍ଛା ଥିଲେ ବି ଅନେକ ସିନେମାପ୍ରେମୀ ସିନେମା ଦେଖିବାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ଆଉ ବାଧ ହୋଇ ଅପେକ୍ଷା କରୁଛନ୍ତି କି ସିନେମା କେବେ ଟିଭିରେ ଆସିବ ।

ସିନେମାରେ ଲଢ଼େଇ ଭଲ, ପ୍ରତିଦ୍ୱନ୍ଦ୍ୱିତା ହେଲେ ତ ପ୍ରତିଭା ସୃଷ୍ଟି ହେବେ, କିନ୍ତୁ ଏକଥା ବି ବୁଝିବା ଦରକାର ଯେ, ସିନେମା ଖାଲି ସଉକ ନୁହେଁ ବ୍ୟାପାର । ବ୍ୟାପାର ପାଇଁ ବଜାର ଦରକାର, ଯଦି ବଜାର ନାହିଁ ତାହେଲେ ଏ ଲଢ଼େଇରେ ପ୍ରେକ୍ଷାଳୟ, ବିତରକ, ସମୀକ୍ଷକ, ପ୍ରଚାରକଠୁ ନେଇ ଆହୁରି ଅନେକ ଲାଭ କରିବେ ସତ କିନ୍ତୁ ସବୁଠୁ ବେଶି କ୍ଷତି ସହିବେ ପ୍ରଯୋଜକ ଆଉ ଦର୍ଶକ । ଓଡ଼ିଆ ସିନେମାର ଶୁଭ ହେଉ ଓଡ଼ିଆ ସିନେମାର ଲାଭ ହେଉ, ଆଗାମୀ ଦଶହରାରେ ଓଡ଼ିଆ ସିନେମାର ଦଶା ଆଉ ଦିଶା ବଦଳୁ ଏତିକି କାମନା । ■

ମୋ: ୯୮୫୩୧୯୪୬୦୦

ମୋଡ଼ ବଦଳାଉଛି ଓଡ଼ିଆ ସିନେମା

ବାଦଲ ମହାନ୍ତି

ବିଗତ କିଛିଦିନ ହେବ ଓଡ଼ିଆ ସିନେମାର ପଟ୍ଟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । 'ବରବଧୂ', 'ବିନ୍ଦୁ ସାଗର', 'ମୁରବୀ', 'ଯଦି' ଭଳି ଅତି ସୁନ୍ଦର ଚଳଚ୍ଚିତ୍ର ନିର୍ମାଣ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରି ପାଇଁ ଏକ ଶୁଭ ସୂଚନା । ତଥାକଥିତ ବିଗ୍ ଷ୍ଟାର୍‌ମାନଙ୍କ ଅପେକ୍ଷା ଏହି ସିନେମାମାନଙ୍କରେ ନୂଆନୂଆ ପ୍ରତିଭାଙ୍କ ଚମତ୍କାର ଅଭିନୟ ଦକ୍ଷତା ମନ କିଣି ନେଉଛି । ନୂଆ ପିଢ଼ିର ଅନେକ ଯୁବ ନିର୍ଦ୍ଦେଶକ ମଧ ତାଙ୍କର ପରାକ୍ରମ ଦେଖାଉଛନ୍ତି, ଯାହାକି ଏକ ଆଶ୍ୱାସନାର ବିଷୟ ।

ଚଳିତ ବର୍ଷ ପୂଜାରେ ମୁକ୍ତିଲାଭ କରିଥିବା ଅନେକ ଭଲ ସିନେମା ମଧ୍ୟରୁ 'ମଧୁମାଳତୀ' ଅନ୍ୟତମ । ଏଇ ସିନେମାଟି ମୋତେ ଅତ୍ୟନ୍ତ ପ୍ରଭାବିତ କରିଛି । ପ୍ରେମ କରିବା ବଡ଼କଥା ନୁହେଁ ପ୍ରେମକୁ ସାଇତିବା ବଡ଼କଥା । ଯାହା ଅଶି ଦଶକରେ ଥିଲା । ଆଜିକାଲି ପ୍ରେମର ଯତ୍ନ ନେବା ଏକ ଚ୍ୟାଲେଞ୍ଜ୍ ହେଇପଡ଼ିଛି । ସେୟାରିଂ କେୟାରିଂର କଥା କହିବାକୁ, ଶୁଣିବାକୁ ଭଲ ଲାଗୁଛି, ହେଲେ ଏ ଜେନେରେସନ୍ ପାଳୁଛି କେତେ? ଏ ପ୍ରଶ୍ନ ପଚାରିଛି 'ମଧୁ ମାଳତୀ' ।

କବି ପ୍ରିୟବ୍ରତ ପଣ୍ଡାଙ୍କ କାହାଣୀ, ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା ମୋତେ ବିଭୋର୍ କରିଛି । ଅଭିନେତ୍ରୀ ମହାଶ୍ୱେତା ରାୟ ତ କଳାର କଣ୍ଢେଇ । ତାଙ୍କୁ ନିର୍ଦ୍ଦେଶକମାନେ ଯେତେ ନଚେଇ ପାରିବେ, ସେ ସେତେ ଜୀବନ୍ତ ଅଭିନୟ ପରଷି ଦେବେ । 'ମଧୁମାଳତୀ' ସିନେମାରେ ତାହା ପ୍ରମାଣିତ ହୋଇଛି ।

ପ୍ରଥମ ଥର ପାଇଁ ହିନ୍ଦୀ ସିନେମା ଜଗତର କଳାତ୍ମକ ଅଭିନୟ କ୍ଷେତ୍ରରେ ନିପୁଣ ଅଭିନେତା ସଂଜୟ ମିଶ୍ରା ଏହି ସିନେମାରେ ନିଜର ନିଖୁଣ ଅଭିନୟ ଜରିଆରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି । ସଂଗୀତରେ ବୈଦ୍ୟନାଥ ଦାଶ ଆଶା ଓ ସମ୍ଭାବନାର ଦୀପ ଜାଳିଛନ୍ତି, ଅନ୍ଧାର ଦୂର କରିବା ପାଇଁ । ସିନେମାର ନାୟକଙ୍କ ସଂଳାପରେ ଅକ୍ଷୟ ମହାନ୍ତିଙ୍କୁ ଲୋଡ଼ିବା ଓ ତୃପ୍ତି ଦାସଙ୍କ ଏହି ସିନେମାରେ ଗୀତ ଗାଇବା ସହ ଅଭିନୟ କରିବାର ସୁଯୋଗଟିଏ ସୃଷ୍ଟି କରିବା ଏକ ସୁନ୍ଦର ପରିକଳ୍ପନା ।

ଓଡ଼ିଆ ସିନେମା ମୋଡ଼ ବଦଳାଉଛି । ମାତ୍ର ଦୁର୍ଭାଗ୍ୟ ଯେ, ଓଡ଼ିଶାର ବିଭିନ୍ନ ସଦର ମହକୁମାରେ ଥିବା ସିନେମା ହଲ୍‌ଗୁଡ଼ିକ ବନ୍ଦ ହେଇଯିବା ଫଳରେ ଗ୍ରାମାଞ୍ଚଳର ଦର୍ଶକ ଏପରି ସୁନ୍ଦର ସିନେମା ସବୁ ଦେଖିବାର ସୁଯୋଗ ହରାଉଛନ୍ତି । ସରକାର ଏଥିପ୍ରତି ଯତ୍ନଶୀଳ ହେବା ଉଚିତ୍ । ■

ମୋ: ୯୭୭୮୦୩୫୭୭୭

ପ୍ରତିବର୍ଷ ରଜ ଓ ଦଶହରାକୁ ଅପେକ୍ଷା କରିଥାନ୍ତି ଓଡ଼ିଆ ସିନେପ୍ରେମୀ । କାରଣ ଏହି ଦୁଇଟି ପର୍ବରେ ଓଡ଼ିଶାର ଲୋକପ୍ରିୟ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ଚଳଚ୍ଚିତ୍ର ମୁକ୍ତିଲାଭ କରିଥାଏ । ଚଳିତ ବର୍ଷ ଦଶହରାରେ ଛଅଟି ଓଡ଼ିଆ ଚଳଚ୍ଚିତ୍ର ରିଲିଜ୍ ହୋଇଛି । କେଉଁ ସିନେମାର ଗୀତ ହୃଦୟସ୍ପର୍ଶୀ ହୋଇଛି ତ ପୁଣି କାହାର ଅଭିନୟ ଦମଦାର୍ ହୋଇଛି, କେଉଁ ଚଳଚ୍ଚିତ୍ରରେ ନୂତନ ଟେକ୍ନୋଲୋଜି ପ୍ରୟୋଗ ହୋଇଛି ଅବା କେଉଁ ଫିଲ୍ମର କାହାଣୀକୁ ନେଇ ସିନେପ୍ରେମୀଙ୍କ ଭିତରେ ଚର୍ଚ୍ଚା ଲାଗି ରହିଛି । ଦଶହରାରେ ମୁକ୍ତିଲାଭ କରିଥିବା କେତୋଟି ଚଳଚ୍ଚିତ୍ରର ସ୍ୱାତନ୍ତ୍ର୍ୟକୁ ନେଇ ଏଇ ଉପସ୍ଥାପନା ।

ନୂଆ କାହାଣୀ ହୃଦୟସ୍ପର୍ଶୀ ଅଭିନୟ

ଡେଞ୍ଜର ଦେବଦାସ

'ଡେଞ୍ଜର ଦେବଦାସ' ସିନେମା ରିଲିଜ୍ ହେବା ପୂର୍ବରୁ ହିଁ ଏହାର 'ଗୋଲାପ କଢ଼ି...', 'ଧେତ୍ ତେରିକି...' ଗୀତ ଟ୍ରେଣ୍ଡରେ ରହିଲା । ସିନେମାର ଗୀତ ଗୁଡ଼ିକ ଖୁବ୍ ମନଛୁଆଁ ହୋଇଛି । ଏ ଦୃଷ୍ଟିରୁ ଫିଲ୍ମଟି ଏକପ୍ରକାର ମ୍ୟୁଜିକାଲ ହିଟ୍ ହୋଇପାରିଛି । 'ସାଇ ଲୁମ୍ବିନୀ ପ୍ରଡକ୍ସନ' ଓ 'ବାବୁ ଭାଇ ପ୍ରଡକ୍ସନ୍' ର ମିଳିତ ସହଯୋଗରେ ନିର୍ମିତ ଏବଂ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ଶୁଭ୍ରା ପଟ୍ଟନାୟକ । ସିନେମାର ମୁଖ୍ୟ ଚରିତ୍ରରେ ଅମ୍ଲାନ, ଏଲିନା, ଜ୍ୟୋତିରଞ୍ଜନ ଅଛନ୍ତି । ସେହିପରି ପପୁପମ୍, ଅନୀଶା ପ୍ରମୁଖ ଅଭିନୟ କରିଛନ୍ତି । ତେବେ ଅମ୍ଲାନ ଓ ଏଲିନାଙ୍କୁ 'ଶିକାର' ଫିଲ୍ମରେ ପ୍ରଥମଥର ଦେଖିବାକୁ ମିଳିଥିଲା । ପୁଣି ଥରେ ଏହି ସିନେମାରେ ଦୁହେଁ ଏକାଠି ନଜର ଆସିଛନ୍ତି । ତା'ସହ ଦୁହିଁଙ୍କ ଯୋଡ଼ିକୁ ବି ଦର୍ଶକେ ଖୁବ୍ ପସନ୍ଦ କରୁଛନ୍ତି । ଅନ୍ୟପଟେ ପ୍ରଥମଥର ପାଇଁ ଜ୍ୟୋତି ଓ ଅମ୍ଲାନ ସ୍କ୍ରିନ ସେୟାର୍ କରିଛନ୍ତି । ଉଭୟଙ୍କ ଲୁକ୍ ସାମ୍ନାକୁ ଆସିବା ପରେ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ସେହିପରି ଜ୍ୟୋତି ଏଥିରେ ସମ୍ପୂର୍ଣ୍ଣ ଅଲଗା ରୂପରେ ନଜର ଆସିଛନ୍ତି । 'ଘୋଷ ଦାଦା' ଚରିତ୍ରରେ ଅଭିନୟ କରିଛନ୍ତି । ଜ୍ୟୋତି ବଙ୍ଗାଳି ଷ୍ଟାଇଲରେ ଧୋତି ପିନ୍ଧିବାଠୁ ଆରମ୍ଭ କରି ତାଙ୍କ କଥାବାର୍ତ୍ତା ଶୈଳୀ ସବୁକିଛି ଉଚ୍ଚକୋଟୀର ହୋଇପାରିଛି । କହିବାକୁ ଗଲେ ଜ୍ୟୋତିଙ୍କ ଅଭିନୟ ତାଙ୍କ କଠିନ ପରିଶ୍ରମକୁ ପ୍ରତିଫଳିତ କରିଛି ।

ସିନେମାରେ ପ୍ରେମ ସହିତ ହାଇଭୋଲଟେଜ ଆକ୍ସନ ଦେଖିବାକୁ ମିଳିଛି । ତେବେ 'ଡେଞ୍ଜର ଦେବଦାସ' ସିନେମାଟି କାହାଣୀ ପାଇଁ ଯେତିକି ଲୋକପ୍ରିୟତା ସାଉଁଟିଛି, ତା'ଠୁ ଅଧିକ ଗୀତ ଏହାକୁ ଅଧିକ ଚର୍ଚ୍ଚାରେ ରହିଛି । ସିନେମାର ଦୁଇଟି ଗୀତ 'ଗୋଲାପ କଢ଼ି' ଓ 'ଧେତ୍ ତେରିକି' ଦଶହରା ପୂଜାକୁ ସରଗରମ କରିଛି । ମେଲୋଡ଼ିଠାରୁ ଆରମ୍ଭ କରି ଭସାଣିରେ ବାଜିଛି । ଏହାର ରୋମାଣ୍ଟିକ୍ ଗୀତ 'ଗୋଲାପ କଢ଼ି' ରିଲିଜ୍ ହେବା ପରେ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହୋଇଛି । ସମସ୍ତେ ଏଥିରେ ରିଲ୍ସ କରିବାକୁ ପଛାଇ ନାହାନ୍ତି । ଗୀତଟି ଅମ୍ଲାନ ଓ ଏଲିନାଙ୍କ ଉପରେ ଦୃଶ୍ୟାୟିତ ହୋଇଛି । ତା'ସହ ଗୀତରେ ଦୁହିଁଙ୍କ ଅଭିନୟ ଓ ନାଚକୁ ଲୋକେ ଖୁବ୍ ଭଲପାଇବା ଦେଇଛନ୍ତି । ସତ୍ୟଜିତ ଓ ଅସୀମା ଏଥିରେ କଣ୍ଠଦାନ କରିଛନ୍ତି ।

ଅନ୍ୟପଟେ ଏହାର ଡ୍ୟାନ୍ସ ନମ୍ବର 'ଧେତ୍ ତେରିକି' ଗୀତଟି ସାମ୍ନାକୁ ଆସିବା ପରେ ଲୋକେ ବହୁ ମାତ୍ରାରେ ପସନ୍ଦ କଲେ । ଗୀତଟିରେ ସସ୍ମିତା, ଜ୍ୟୋତି, ଜୟଶ୍ରୀ ଅଭିନୟ କରିଛନ୍ତି । ଜ୍ୟୋତିଙ୍କ ଲୁକ୍ ଓ ଡାନ୍ସ ଜବରଦସ୍ତ ହୋଇଛି । ତା'ସହିତ ସସ୍ମିତା ଓ ଜୟଶ୍ରୀଙ୍କ ଡାନ୍ସ ଅଧିକ ଆକର୍ଷଣୀୟ ହୋଇଛି । ସେହିପରି ଗୀତଟିରେ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ ।

ଆଗ୍ନେ ୱେଡ୍ସ ମିନଲ୍

ଦଶହରାରେ ବଡ଼ ପରଦାରେ ଦର୍ଶକେ ଦେଖିଲେ ଦିବ୍ୟାଙ୍ଗ ଆଗ୍ନେ ଓ ସୁନ୍ଦରୀ ମିନଲ୍ଙ୍କ ବାହାଘର । ଏକ ସତ କାହାଣୀ ଉପରେ ଆଧାରିତ 'ଆଗ୍ନେ ୱେଡ୍ସ ମିନଲ୍' ସିନେମା ଦର୍ଶକୀୟ ଆଦୃତି ଲାଭ କରିଛି । ସିନେମାର କାହାଣୀ, ଅଭିନେତାଙ୍କ ଅଭିନୟ ଓ ଗୀତ ସବୁକିଛି ସୁପରହିଟ୍ ହୋଇଛି । ଏହି ସିନେମାର ଟିଜର ସାମ୍ନାକୁ ଆସିବା ପରେ ସିନେମାଟିକୁ ଦର୍ଶକେ ଖୁବ୍ ଉତ୍ସାହର ସହ ଅପେକ୍ଷା କରି ରହିଥିଲେ । ସିନେମାରେ ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ମନୋଜ ମିଶ୍ରଙ୍କୁ ଦେଖିବାକୁ ମିଳିଛି । ସେହିପରି ମନୋଜଙ୍କ ଅଭିନୟ ଏଥିରେ ଖୁବ୍ ଉଚ୍ଚକୋଟୀର ହୋଇଛି । ସିନେମାଟିରେ ପ୍ରକୃତ ଦିବ୍ୟାଙ୍ଗ କିଏ? ଏହାର କାହାଣୀ ଏଭଳି କିଛି ଚିନ୍ତା କରିବାକୁ ବାଧ୍ୟ କରିଛି । ତେବେ ଶାରୀରିକ ଅକ୍ଷମତାକୁ ଦେଖିବାର ସିନେମାଟି ଏକ ଭିନ୍ନ ଦୃଷ୍ଟିକୋଣ ଦେଖାଇଛି । ସିନେମାଟି ନିଛକ ସତ୍ୟ କାହାଣୀ ଉପରେ ଆଧାରିତ । ଏଥିରେ ଆଗ୍ନେ ଓ ମିନଲ୍ର କାହାଣୀକୁ ଅତି ଚମତ୍କାର ଶୈଳୀରେ ଦେଖାଇବାକୁ ଚେଷ୍ଟା କରାଯାଇଛି । ଆଗ୍ନେ ଓ ମିନଲ ପ୍ରେମ ବିବାହ କରନ୍ତି । ଏହାପରେ ସେମାନଙ୍କ ଭିତରେ ଯେଉଁ ମତାନ୍ତର ଓ ମନାନ୍ତର ସୃଷ୍ଟି ହୋଇଛି ତାହା ହେଉଛି ସିନେମାର ମୁଖ୍ୟ ପ୍ରସଙ୍ଗ । ମନୋଜ ମିଶ୍ର ଫିଲ୍ମ, ଶଲୋମ ଫିଲ୍ମ ଏବଂ ଭବ୍ୟା ଫିଲ୍ମ ବ୍ୟାନର୍ରେ ନିର୍ମିତ ଏହି ସିନେମାଟିର ପ୍ରଯୋଜନାରେ ମନୋଜ ମିଶ୍ର, ମମତା ନନ୍ଦ, ଜଗନ ମହାନ୍ତ, ଋଷଭ ଅଗ୍ରୱାଲ, ପ୍ରଶାନ୍ତ ବେହେରା ଅଛନ୍ତି । ସିନେମାର ନିର୍ଦ୍ଦେଶନାରେ ଋଷଭ ଅଗ୍ରୱାଲ ଅଛନ୍ତି । ସଂଗୀତରେ ଅକ୍ଷୟ ବୈରାଗୀ ଅଛନ୍ତି । ସିନେମାର ମୁଖ୍ୟ ଭୂମିକାରେ ମନୋଜ ଓ ଅର୍ଲିନ ଅଙ୍କିତା ଅଛନ୍ତି । ଏ ଦୁହିଁଙ୍କ ସମେତ ଉଷସୀ ମିଶ୍ର, ଶକ୍ତି ବରାଳ, ଆକାଶ, ସଂଜୟ ମହାପାତ୍ର, ଜୋଜୋ ପ୍ରମୁଖ ଅଛନ୍ତି ।

ଦଶହରାରେ ଆଗ୍ନେଙ୍କ ବାହାଘର ଓ ଭୋଜି ଖାଇବାର ନିମନ୍ତ୍ରଣ ସୁନ୍ଦର ଭାବେ କରାଯାଇଛି । ସିନେମାଟିର "ଆଏବ ହୋ ଆଏବ ହୋ, ମୋର ବିହାକେ ଆଏବ ହୋ, ଭୁଜି ଭାତ ଖାଇବ ହୋ" ବିବାହ ଗୀତଟି ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହୋଇଛି । ସମସ୍ତେ ଏଥିରେ ରିଲ୍ସ କରିଥିବା ଦେଖାଯାଇଛି । ଗୀତଟିରେ କୁକିଜ୍ ଓ ଜୟଦେବ ନଜର ଆସିଛନ୍ତି । ଦୁହିଁଙ୍କ ଯୋଡ଼ି ଓ ସେମାନଙ୍କ ଡ୍ୟାନ୍ସକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଗୀତଟିକୁ ଆହୁରି ଆକର୍ଷଣୀୟ କରିଛି ମନୋଜଙ୍କ ଉପସ୍ଥିତି । ଏହି ଗୀତଟି ମଧ୍ୟ ଦଶହରାକୁ ଅଧିକ ଜମାଣିଆ କରିଛି । ୩ ମିନିଟ୍ ୫୪ ସେକେଣ୍ଡର ଏହି ସମ୍ବଲପୁରୀ ଗୀତଟିରେ ପାରମ୍ପରିକ ସଂଗୀତ ବ୍ୟବହାର କରାଯାଇଛି । ଗୀତଟିକୁ ଆଲୋକ କୁମାର ତ୍ରିପାଠୀ ରଚନା କରିଛନ୍ତି । ଗାଁ ପରିବେଶ ଭିତରେ ଗୀତଟିକୁ ସୁଟିଂ କରାଯାଇଛି । ଫିଲ୍ମଟି ବକ୍ସଅଫିସ୍ରେ ଭଲ ଆୟ କରିବ ବୋଲି ଖୁବ୍ ଆଶା କରାଯାଉଛି ।

ଗେମ୍ ଓଭର୍

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଓଲିଉଡ୍ର ଲୋକପ୍ରିୟ ଅଭିନେତା ଅର୍ଦ୍ଧେନ୍ଦୁ ଦଶହରାରେ ଦର୍ଶକଙ୍କୁ ଆକ୍ସନଧର୍ମୀ ସିନେମା 'ଗେମ୍ ଓଭର୍' ଭେଟି ଦେଇଛନ୍ତି । ଦର୍ଶକେ ବି ଆକ୍ସନ ଓ ରୋମାନ୍ସର ନୂଆ ଅନୁଭୂତି ସାଉଁଟିଛନ୍ତି । 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' ବ୍ୟାନର୍ରେ ନିର୍ମିତ ଓ ଆଦିକନ୍ଦ ସାହୁଙ୍କ ପ୍ରଯୋଜିତ ଏହି ସିନେମାଟି ଶାରଦୀୟ ପାର୍ବଣରେ ପରଦାକୁ ଆସିଛି । ରାଜା ଡିଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ, ସଂଳାପ କୁନା ତ୍ରିପାଠୀ ରଚନା କରିଛନ୍ତି । ଆକ୍ସନଧର୍ମୀ ସିନେମାର ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଦ୍ଧେନ୍ଦୁ । ତାଙ୍କୁ ଏଥିରେ ଭିନ୍ନ ଲୁକ୍ରେ ଦେଖିବାକୁ ମିଳିଛି । ସେହିପରି ତାଙ୍କ ବିପକ୍ଷରେ ନାୟିକା ଅଛନ୍ତି ସୁପ୍ରିୟା । ସୁପ୍ରିୟା ଓ ଅର୍ଦ୍ଧେନ୍ଦୁଙ୍କ ଯୋଡ଼ିକୁ ବି ଦର୍ଶକେ ଖୁବ୍ ପସନ୍ଦ କରଥିବା ଦେଖାଯାଇଛି । ସଂଗୀତରେ ବୈଭବ ପୃଷ୍ଟି, ଅଭିଜିତ ତ୍ରିପାଠୀ ଏବଂ ଗୌରବ ଆନନ୍ଦ ଅଛନ୍ତି ।

ଅନ୍ୟପଟେ ସିନେମାଟିର ମୁଖ୍ୟ ଆକର୍ଷଣ ପାଲଟିଛି ଆଇଟମ୍ ଗୀତ 'ଯନ୍ତାଳ' ଓ ରୋମାଣ୍ଟିକ୍ ଗୀତ 'ଚନ୍ଦ୍ରବିନ୍ଦୁ' । ରିଲିଜ୍ ପୂର୍ବରୁ ହିଁ ଗୀତ ଦ୍ୱୟ ଟ୍ରେଣ୍ଡରେ ରହିଲା । ଏଥିରେ ସାଉଥ ସୁପରଷ୍ଟାର ପୁଷ୍ପରାଜ ଅଲ୍ଲୁ ଅର୍ଜୁନଙ୍କ କୋରିଓଗ୍ରାଫର ଉର୍ବଶୀ ଚୌହାନଙ୍କୁ ଦେଖିବାକୁ ମିଳିଛି । ଅର୍ଦ୍ଧେନ୍ଦୁ ଓ ତାଙ୍କର ଜବଦରଦସ୍ତ ଡାନ୍ସ ରହିଛି । ଗୀତଟିକୁ ମନୋଜ ପଣ୍ଡା ଲେଖିଥିବା ବେଳେ ଏହାକୁ ସଂଗୀତରେ ସଜାଇଛନ୍ତି ଅଭିଜିତ ତ୍ରିପାଠୀ । ଗୀତଟିରେ କଣ୍ଠଦାନ କରିଛନ୍ତି ଅସୀମା, ସତ୍ୟଜିତ ପ୍ରଧାନ, ଅନୁରାଗ ଦାସ । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ । ସେହିପରି ସିନେମାର 'ଚନ୍ଦ୍ରବିନ୍ଦୁ' ଗୀତଟି ବି ଟ୍ରେଣ୍ଡରେ ରହିଲା । ସମୁଦାୟ ୪ଟି ଗୀତ ଅଛି ।

ଅନ୍ୟପଟେ ଜଣେ ଧାବକର କାହାଣୀକୁ ନେଇ ସିନେମାଟି ଗତିଶୀଳ । ତା'ସହ ଏଥିରେ ଗୁରୁଶିଷ୍ୟର ପରମ୍ପରା ଦେଖିବାକୁ ମିଳିଛି । ଦେଖାଯାଇଛି ଯେ, ଧାବକ ଜଣକ ଏକ ଷଡ଼ଯନ୍ତ୍ରରେ ଛନ୍ଦି ହୋଇପଡ଼ି ସବୁକିଛି ହରାଉଛନ୍ତି । ଡୋପିଂ ଓ ପ୍ରେମିକାର ହତ୍ୟା ମାମଲାରେ ଛନ୍ଦି ହୋଇ ସେ ଜେଲ୍ ଯାଉଛି । ଫଳରେ ଜେଲ୍ରୁ ବାହାରି ଭଲ ମଣିଷ ପ୍ରତିଶୋଧ ପରାୟଣ ହୋଇ କିଭଳି ଗ୍ୟାଙ୍ଗଷ୍ଟର ସାଜିଛି, ତାହା ଦେଖିବାକୁ ମିଳିଛି । ସିନେମାରେ ମହାଶ୍ୱେତା, କୁନା ତ୍ରିପାଠୀ, ସୁଶାନ୍ତ ଦାସ ମହାପାତ୍ର, ପୃଥ୍ୱୀରାଜ, ଜୀବନ ପଣ୍ଡା, ପ୍ରୀତିରଞ୍ଜନ ପ୍ରମୁଖ ଅଭିନୟ କରିଛନ୍ତି ।

ମନଷ୍ଟର

ଦଶହରାରେ ମୁକ୍ତିଲାଭ କରିଥିବା ବଡ଼ ବଜେଟ୍ର ସିନେମା ହେଉଛି 'ମନଷ୍ଟର' । ଏହା ମଧ୍ୟ ଏକ ଆକ୍ସନଧର୍ମୀ ସିନେମା । ତେବେ ସିନେମାରେ ରୋବଟିକ୍ ଆର୍ମ କ୍ୟାମେରା ଭଳି ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇଛି ।

'ଗୋପିନାଥ ମୋସନ ପିକଚର୍ସ' ନିବେଦିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ଦେବରାଜ ବିଧାର । ଏଥିରେ କିଲର୍ ଲୁକ୍ରେ ନଜର ଆସିଛନ୍ତି ଆଦିତ୍ୟ ମହାପାତ୍ର । ସେହିପରି ଆଇଲଭ୍ୟୁ-୨ ପରେ ଏହା ହେଉଛି ଆଦିତ୍ୟଙ୍କ ଦ୍ୱିତୀୟ ସିନେମା । ଆଦିତ୍ୟଙ୍କ ବିପକ୍ଷରେ ନାୟିକା ଅଛନ୍ତି ଦିବ୍ୟଜ୍ୟୋତି ତ୍ରିପାଠୀ । ମହାଶ୍ୱେତା ରାୟ, କ୍ରିଷ୍ଣା କର, ରାଜ୍ ରାଜେଶ, ସ୍ୱପ୍ନା ପ୍ରିୟଦର୍ଶିନୀ, ଚୌଧୁରୀ ଜୟ ପ୍ରକାଶ ଦାସ ପ୍ରମୁଖ କଳାକାରଙ୍କୁ ସିନେମାରେ ଦେଖିବାକୁ ମିଳିଛି । ସିନେମାରେ ଆଦିତ୍ୟଙ୍କ ଫାଷ୍ଟ ଲୁକ୍ ସାମ୍ନାକୁ ଆସିବା ପରେ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ସିନେମାର ସଂଳାପ ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ ଲେଖିଥିବା ବେଳେ ସଂଗୀତ ଦେଇଛନ୍ତି ବୈଦ୍ୟନାଥ ଦାସ, ଆଶିଷ ପ୍ରଧାନ । ଏହାର କାହାଣୀ ବି ଖୁବ୍ ଉଚ୍ଚକୋଟୀର ହୋଇଛି କହିଲେ ଆଦୌ ଭୁଲ ହେବ ନାହିଁ । ଗ୍ରାମୀଣ ଶୋଷଣ, ଅତ୍ୟାଚାର, ବାପାଙ୍କ ହତ୍ୟାର ପ୍ରତିଶୋଧ ନେବାର କାହାଣୀ ସିନେମାଟିକୁ ସୁନ୍ଦର ଭାବେ ଗଢ଼ି ତୋଳିଛି । ପ୍ରତ୍ୟେକ କଳାକାର ଉଚ୍ଚକୋଟୀର ଅଭିନୟ କରିଛନ୍ତି । କେବଳ ସେତିକି ନୁହେଁ, ସିନେମାର ଆଇଟମ୍ ଗୀତ ବି ସୁପରହିଟ୍ ହୋଇଛି । 'ରୋହି ସଲ ସଲ' ଆଇଟମ୍ ଗୀତରେ ସ୍ୱପ୍ନାଙ୍କ ଡାନ୍ସକୁ ଦର୍ଶକେ ପସନ୍ଦ କରିଥିବା ବେଳେ 'ଏ ରାଜା'ରେ ଆଦିତ୍ୟଙ୍କ ଡାନ୍ସ ବି ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରିଛି । ମୋଟାମୋଟି ସିନେମାଟିକୁ ଦର୍ଶକେ ପସନ୍ଦ କରିଛନ୍ତି ।

ମୋହନଗିରି

ଦଶହରାରେ ମୁକ୍ତିଲାଭ କରିଥିବା ଆଉ ଏକ ଫିଲ୍ମ ହେଉଛି 'ମୋହନଗିରି । ଏହି ସିନେମାଟି ମଧ୍ୟ ଦର୍ଶକଙ୍କ ମନ ମୋହିଛି । ଦୁଇଟି ଜନ୍ମର କାହାଣୀ ଉପରେ ଗତିଶୀଳ ଏହି ଭାବପୂର୍ଣ୍ଣ ସିନେମାଟି । ୟୁକେ କ୍ରିଏସନର ପ୍ରଥମ ଅବଦାନରେ ନିର୍ମିତ ହେଉଛି 'ମୋହନଗିରି ।' ସିନେମାର ନିର୍ଦ୍ଦେଶନାରେ ରିୟାଜ ଖାନ୍ ଅଛନ୍ତି । ମୀନାରାଣୀ ନାଏକ ସିନେମାର କାହାଣୀ ରଚନା କରିଛନ୍ତି । ସିନେମାଟି ସମ୍ପୂର୍ଣ୍ଣ ନୂଆ ଅନୁଭୂତି କାହାଣୀ ପାଇଁ ମିଳିଛି । ଦୁଇଟି ଜନ୍ମର ପ୍ରେମକାହାଣୀ ଉପରେ ଏହା ଆଧାରିତ । ଏ ଜନ୍ମରେ ନାୟକ ଜଣକ ଭଲପାଉଛି । ପୁଣି ମୋହନଗିରିକୁ ଯିବା ପରେ ତା' ପୂର୍ବ ଜନ୍ମର ପ୍ରେମ ମନେ ପଡୁଛି । ପୂର୍ବ ଜନ୍ମର ପ୍ରେମରେ ସେ କାହିଁକି ଅସଫଳ ହେଲା ତାହା ଏଥିରେ ଦେଖିବାକୁ ମିଳିଛି । ତେଣୁ ପ୍ରେମ, ପରମ୍ପରା ଓ ରହସ୍ୟର ଏକ ସୁନ୍ଦର ମିଶ୍ରଣ ଦେଖିବାକୁ ମିଳିଛି । ସିନେମାର ମୁଖ୍ୟ ଭୂମିକାରେ ସାର୍ଥକ, ଅର୍ଲିନ ଅଙ୍କିତା, ହିରଣ୍ମୟୀ ଅଛନ୍ତି । ସେମାନଙ୍କ ବ୍ୟତୀତ ଚୌଧୁରୀ ବିକାଶ ଦାସ, ଉଷସୀ ମିଶ୍ର, ପୁଷ୍ପା ପଣ୍ଡା, ଦେବ ସାହୁ ପ୍ରମୁଖ ଅଭିନୟ କରିଛନ୍ତି । ସେହିପରି ସିନେମାଟିର ଅଧିକାଂଶ ସୁଟିଂ ଓଡ଼ିଶାରେ ହୋଇଛି । ଗୀତ ଦୁଇଟି ମନାଲିରେ କରାଯାଇଛି । ସିନେମାରେ ସଂଗୀତ ଦେଇଛନ୍ତି ବୈଦ୍ୟନାଥ ମିଶ୍ର । ଫିଲ୍ମ କାହାଣୀ, କଳାକାରଙ୍କ ଦମଦାର ଅଭିନୟ ଓ ସଂଗୀତ ସହ ଦର୍ଶକେ ନିଜକୁ ଯୋଡ଼ିବା ଆଶା ରହିଛି । ଅନ୍ୟପଟେ ଆଇଟମ ଗୀତରେ ମନମୋହିଛନ୍ତି ରୌମ୍ୟାଞ୍ଜଳି ନାୟକ । ତେବେ ସିନେମାରେ ଅନେକ ନବାଗତ ଅଛନ୍ତି ।

ଚଳିତବର୍ଷ ଦଶହରାରେ ମୁକ୍ତିଲାଭ କରିଥିବା ଓଡ଼ିଆ ସିନେମା ଦେଖିବାକୁ ଏବେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭିଡ଼ ଜମୁଛି । ତେବେ ଓଡ଼ିଆ ଫିଲ୍ମ ପୁଣି ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପୁଣି ଥରେ ଦର୍ଶକମାନେ ପ୍ରେକ୍ଷାଳୟ ମୁହାଁ ହେଉଛନ୍ତି ।

ନୀତି ଅନୀତି ରାଜନୀତି

ଶ୍ରୀବିଦୂର

ରାଜନୀତିର ମହୀରୁହ

ଶଙ୍ଖପତି ନବୀନ ଜଣେ ଭିନ୍ନ ଧରଣର ନେତା । ସଂକ୍ଷିପ୍ତ ଭାଷା ଓ ସଂଯମ ଶବ୍ଦ ହେଉଛି ତାଙ୍କର ପରିଚୟ । ସେ ଉଚ୍ଚସ୍ୱରରେ କଥା କହନ୍ତି ନାହିଁ, ମାତ୍ର ସ୍ୱଳ୍ପରେ ଯାହା କହନ୍ତି; ତାହା ପଥରରେ ଅଲିଭା ଗାର ଟାଣି ଦେଇଥାଏ । ଅତୀତରେ ଅନେକ ଘଟଣା-ଉପଘଟଣା, ପ୍ରସଙ୍ଗ-ଉପପ୍ରସଙ୍ଗକୁ ନେଇ ନବୀନଙ୍କ ଟିପ୍ପଣୀ ଜାତୀୟସ୍ତରରେ ସୃଷ୍ଟି କରିଛି ଆଲୋଡ଼ନ । ନିକଟରେ ଦୁଇ ଜେନ୍-ଜି ନେତା ତଥା କକ୍ରୋଚ ଆନ୍ଦୋଳନର ଧ୍ୱଜାଧର ସୌରଭ ଓ ଆଶୁତୋଷଙ୍କ ଗିରଫଦାରୀ ପ୍ରସଙ୍ଗରେ ସାରା ଦେଶର ରାଜନୈତିକ ନେତାମାନେ ରହସ୍ୟମୟ ନିରବତାକୁ ଭାଙ୍ଗି ବାକୁ ସକ୍ଷମ ହୋଇଛି ନବୀନଙ୍କ ଅସନ୍ତୋଷର ଶଙ୍ଖଧ୍ୱନୀ । ଜାତୀୟ ପତାକା ଉଡ଼ାଇବା ଅଭିଯୋଗରେ ଦୁଇ କକ୍ରୋଚ ନେତାଙ୍କୁ ଦୀର୍ଘ ସମୟ ଧରି ଅଟକ ପ୍ରସଙ୍ଗରେ ନବୀନଙ୍କ ଛଅ ଧାଡ଼ିଆ ଶାଣିତ ମନ୍ତବ୍ୟ ଶାସନ ବ୍ୟବସ୍ଥାରେ ରହିଥିବା ଦୁର୍ବଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଜାତୀୟସ୍ତରରେ ନବୀନଙ୍କ ଟିପ୍ପଣୀକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିବା ସମୟରେ ରାଜ୍ୟ ପଦ୍ମ ଦଳିଆ ନେତାମାନେ ରାଜନୈତିକ ଚଷମାରେ ନବୀନଙ୍କ ମନ୍ତବ୍ୟକୁ ପରଖୁଛନ୍ତି । ତେବେ ନବୀନଙ୍କ ଏହି ଟିପ୍ପଣୀଟି ସାତତାଳ ପଙ୍କ ତଳେ ନିବୁଜ ସିନ୍ଦୁକ ଭିତରେ ଥିବା ଫରୁଆ ଓ ତାହା ମଧ୍ୟରେ ଥିବା କଳା ଭଅଁରର ସ୍ୱର୍ଣ୍ଣକାତର ଆତ୍ମାକୁ ଖିନ୍‌ଭିନ୍ କରିବାକୁ ଯେ ସମର୍ଥ ହୋଇଛି, ତାହା କହିବା ବାହୁଲ୍ୟ ମାତ୍ର । ରାଜନୀତିରେ କ୍ଷମତା ହେଉଛି ଏକ ଅସ୍ଥାୟୀ ଅତିଥି, ନେତୃତ୍ୱର ପରିଚୟ କେବଳ ପଦପଦବିରେ ସୀମିତ ନୁହେଁ । କ୍ଷମତାରେ ଥାଆନ୍ତୁ ବା ନ ଥାଆନ୍ତୁ, ନବୀନ ସବୁବେଳେ ଜଣେ ରାଷ୍ଟ୍ରନାୟକର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ୨୪ ବର୍ଷର ଶାସନ ପରେ କ୍ଷମତାଚ୍ୟୁତ ହେବା ସହ ତାଙ୍କ ରାଜନୈତିକ ପ୍ରଭାବ ଶେଷ ହୋଇଯିବ ବୋଲି ଯେଉଁମାନେ ମନେ କରୁଥିଲେ, ସମ୍ଭବତଃ ସେମାନେ ଏଯାଏ ନବୀନଙ୍କୁ ଠିକ୍ ବୁଝି ପାରିନାହାନ୍ତି । ନବୀନ ହେଉଛନ୍ତି ସେହି ବିଶାଳ ମହୀରୁହ; ଯାହାଙ୍କ ଅଭିଜ୍ଞତା ଯେତିକି ଗଭୀର, ରାଜନୈତିକ ଉଚ୍ଚତା ସେତିକି ଦୀର୍ଘ । ■

ଦୁର୍ବାସାଙ୍କ ଶକ୍ତିହରଣ

ପୁରାଣବର୍ଣ୍ଣିତ ଋଷି ଦୁର୍ବାସା କୁଆଡ଼େ ଅତି କ୍ରୋଧୀ ଥିଲେ । ଦେବତାମାନେ ବି ତାଙ୍କଠାରୁ ଏଥିପାଇଁ ଦୂରେଇ ରହୁଥିବା ଶୁଣାଯାଏ । ମାତ୍ର ପଦ୍ମ ଦଳରେ ଦୁର୍ବାସା ମାନ୍ୟତା ପାଇଥିବା ବାଲେଶ୍ୱର ନନା ଓରଫ୍ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଆଉ କୁଆଡ଼େ ଆଜିକାଲି କେହି ଭୟ କରୁନାହାନ୍ତି । ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଯାବତୀୟ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଷଡ଼ଙ୍ଗୀ ମହାଶୟ ଯାବତୀୟ ଅସନ୍ତୋଷ ପ୍ରକାଶ କଲେ ବି କେହି ତାଙ୍କ କଥାକୁ ଗୁରୁତ୍ୱ ଦେଉ ନାହାନ୍ତି । କେଇ ଦିନ ତଳେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଞ୍ଚଳର କିଛି ଲୋକ ସାଂସଦଙ୍କ ନିକଟରେ ପୁଲିସ, ପ୍ରଶାସନ ବିରୋଧରେ ଅଭିଯୋଗ କଲେ । ଅପରାଧୀଙ୍କୁ ପୁଲିସ ବାନ୍ଧୁ ନାହିଁ, ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ । ପ୍ରଶାସନ ଲୋକଙ୍କ କଥା ଶୁଣୁନାହିଁ, ବିକାଶମୂଳକ କାମ ଠିକ୍ ଭାବରେ ହେଉନାହିଁ । ଫାଇଲ୍ ଆଗକୁ ବଢ଼ୁନାହିଁ, ଲାଞ୍ଚ ନ ଦେଲେ କାମ ହେଉନାହିଁ । ଚାରିପଟେ ବେଢ଼ି ରହିଥିବା ନିଜ ଦଳର କର୍ମୀ ଓ ସମର୍ଥକଙ୍କ ଏମିତି ପୁଳାପୁଳା ଅଭିଯୋଗକୁ ନନା ଧ୍ୟାନ ଦେଇ ଶୁଣିଲେ; ମାତ୍ର ପଦଟିଏ ବି ଉତ୍ତରଦେଲେ ନାହିଁ । କାହିଁକି ନନା ଏହି ପ୍ରସଙ୍ଗଗୁଡ଼ିକରେ ନିରୁତ୍ତର ରହିଲେ, ତାହା ଆମେ ଜାଣିନାହୁଁ । ତେବେ ଏହି ଘଟଣାର କେଇ ସପ୍ତାହ ପୂର୍ବରୁ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ ଓ ଅଧିକାରୀଙ୍କ ବିରୋଧରେ ନନାଙ୍କ ବିଷୋଦ୍‌ଗାର ସହ ଏହାର ସମ୍ପର୍କ ଥିବା ଅନେକ କହୁଥିବା ଶୁଣିବାକୁ ପାଇଛୁ । ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନ ହେବା ସମ୍ଭବତଃ ନନାଙ୍କୁ ବିମର୍ଷ କରି ଦେଇଛି ବୋଲି ବି କେହିକେହି କହୁଛନ୍ତି । ସାଂସଦ ମହାଶୟ ଜଣେ ନିର୍ବାଚିତ ଲୋକପ୍ରତିନିଧି, ରାଜ୍ୟରେ ଓ କେନ୍ଦ୍ରରେ ତାଙ୍କର ଦଳର ସରକାର । ତଥାପି ସେ ଶକ୍ତିହୀନ କାହିଁକି ? କିଏ କରିଛି ତାଙ୍କର ଶକ୍ତିହରଣ? ଜେନାବାବୁ? ସାମଲବାବୁ ନା ଆଉକେହି ? ■

ଫଣା ଟେକିଲେ ନାଗେଶ୍ୱର

ନାଗ ଫଣାକୁ ଲୋକେ ଭୟ କରନ୍ତି । ଆଉ ଯେତେବେଳେ ନାଗେଶ୍ୱର ଫଣା ଟେକନ୍ତି, ସେତେବେଳେ ସାରା ଦୁନିଆଁ ଭୟରେ ଥରହର ହୋଇଥାଏ । ଭାରତର ସବୁଠାରୁ ବଡ଼ ତଦନ୍ତକାରୀ ସଂସ୍ଥାର ପୂର୍ବ ମୁଖିଆ ନାଗେଶ୍ୱର ସମ୍ଭବତଃ ଏଥିପାଇଁ ଏବେ ଚର୍ଚ୍ଚାରେ । ସର୍ବଭାରତୀୟ ପ୍ରଶାସନିକ ସେବାରୁ ଅବ୍ୟାହତି ନେବା ପରେ ନୂଆ ରାଜନୈତିକ ଦଳ ଗଢ଼ିଥିବା ସଂପୃକ୍ତ ତଦନ୍ତକାରୀ ସଂସ୍ଥାର ପୂର୍ବ ନିର୍ଦ୍ଦେଶକ ନାଗେଶ୍ୱର ନିଜର ପୁରୁଣା ସଂସ୍ଥା ଓ ଏହାକୁ ପରିଚାଳନା କରୁଥିବା କେନ୍ଦ୍ର ସରକାରଙ୍କ ବିରୋଧରେ କରିଥିବା ବିଷୋଦଗାର ଏକ ଭୟଙ୍କର ସଙ୍କେତକୁ ଇଙ୍ଗିତ କରିଛି । ଯେଉଁ ସଂସ୍ଥାର ନାମ ଶୁଣିଲେ ଅପରାଧୀଙ୍କ ମନରେ ଭୟ ଓ ସାଧାରଣ ନାଗରିକଙ୍କ ମନରେ ନ୍ୟାୟର ଆଶା ସୃଷ୍ଟି ହୋଇଥାଏ; ଏବେ ସେହି ସଂସ୍ଥାର ଗତି ଓ କାର୍ଯ୍ୟକୁ ନେଇ ନାଗେଶ୍ୱରଙ୍କ ସନ୍ଦେହ ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି । ତଦନ୍ତର ଗତି, ମାମଲାର ଅଗ୍ରଗତି, କାର୍ଯ୍ୟାନୁଷ୍ଠାନରେ ପକ୍ଷପାତ ଆଦିକୁ ନେଇ ନାଗେଶ୍ୱରଙ୍କ ଅଭିଯୋଗ ସଂସ୍ଥାର ନିରପେକ୍ଷତାକୁ କେବଳ ପ୍ରଶ୍ନର କାଠଗଡ଼ାରେ ଠିଆ କରିନାହିଁ; ଲୋକଙ୍କ ବିଶ୍ୱାସକୁ ବି ଖଣ୍ଡଖଣ୍ଡ କରି ଦେଇଛି । ଅବଶ୍ୟ ଆଜିକାଲିର ନାଗେଶ୍ୱର ଓ ସେ ଦିନର ନାଗେଶ୍ୱରଙ୍କ ମଧ୍ୟରେ ଅନେକ ଫରକ । ସେତେବେଳେ ସେ ସଂସ୍ଥାର ନିର୍ଦ୍ଦେଶକ ଥିଲେ, ଆଜିକାଲି ସେ ଏକ ରାଜନୈତିକ ଦଳର ପ୍ରତିଷ୍ଠାତା ମୁଖ୍ୟ । ତେଣୁ ତାଙ୍କ ଅଭିଯୋଗକୁ ରାଜନୈତିକ ମନେ କରିବା ଆଦୌ ଅସଙ୍ଗତ ନୁହେଁ । କୌଣସି ସଂସ୍ଥା ସ୍ୱାଧୀନ ବୋଲି କହିଦେଲେ ହେବ ନାହିଁ, ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ସମାନ ମାପଦଣ୍ଡ, ସ୍ୱଚ୍ଛ ପ୍ରକ୍ରିୟା, ଉତ୍ତରଦାୟିତ୍ୱ ବି ରହିବା ଆବଶ୍ୟକ । ମାତ୍ର ଗତ କିଛି ବର୍ଷ ଧରି ଦେଶର ବିରୋଧୀ ରାଜନୈତିକ ଦଳ ଯେଉଁ ଅଭିଯୋଗ କରି ଆସୁଛନ୍ତି, ତଦନ୍ତକାରୀ ସଂସ୍ଥାର ପୂର୍ବ ମୁଖ୍ୟ ତାହାକୁ ସ୍ୱୀକାର କରିବା ନିଶ୍ଚିତ ଭାବରେ ସାଂଘାତିକ ବିଷୟ । ■

ତାଳଗଛକୁ ଫୋପଡ଼ ଫିଙ୍ଗା!

ରାଜନୀତିରେ ବ୍ୟକ୍ତିଗତ ଟିପ୍ପଣୀର ଗଣିତ ବଡ଼ ବିଚିତ୍ର । ପ୍ରତିପକ୍ଷକୁ ଦୁର୍ବଳ କରିବାକୁ ଅନେକ ନେତା ଓ ନେତ୍ରୀ ଦେଉଥିବା ନକରାତ୍ମକ ଟିପ୍ପଣୀ ବେଳେବେଳେ ଓଲଟା ଫଳ ଦେଉଥିବା ଦେଖାଯାଏ । ଯାହାଙ୍କୁ ଛୋଟ ଦେଖାଇବାକୁ ଚେଷ୍ଟା କରାଯାଏ, ସେ ବେଳେବେଳେ ଆହୁରି ବଡ଼ ହୋଇଯାଆନ୍ତି । ରାଜନୈତିକ ଅଭିଜ୍ଞତାର ଅଭାବ ଯୋଗୁଁ ସମ୍ଭବତଃ ନିମାପଡ଼ା ଅପା ଓରଫ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ମ୍ୟାଡ଼ାମ ଏ କଥା ବୁଝି ପାରିନାହାନ୍ତି । ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ନୀତି ଓ ନିଷ୍ପତ୍ତିକୁ ସମାଲୋଚନା କରିବା ଗଣତନ୍ତ୍ରର ସୌନ୍ଦର୍ଯ୍ୟ; କିନ୍ତୁ ପ୍ରତିପକ୍ଷ ରାଜନୈତିକ ଦଳର ନେତାଙ୍କ ବୟସ ଓ ବ୍ୟକ୍ତିଗତ ଜୀବନକୁ ନେଇ ସମାଲୋଚନା କଦାପି ଗ୍ରହଣୀୟ ନୁହେଁ । ଶଙ୍ଖପତି ନବୀନଙ୍କ ବୟସକୁ ନେଇ ଟିପ୍ପଣୀ କରି ସେ କେବଳ ନିଜକୁ ଛୋଟ କରିଦେଇ ନାହାନ୍ତି, ଅପରିପକ୍ୱ ଓ ଅସଂଯମ ବୋଲି ବି ପ୍ରମାଣିତ କରି ଦେଇଛନ୍ତି । ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ସମକକ୍ଷ ନେତା ଖାଲି ଓଡ଼ିଶା କାହିଁକି, ସାରା ଦେଶରେ ବିରଳ । ତାଙ୍କ ରାଜନୈତିକ ଜୀବନ, ଜଣେ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟର ଆକଳନ, ଓଡ଼ିଶାର ବିକାଶରେ ତାଙ୍କର ଯୋଗଦାନର ମୂଲ୍ୟାୟନ ଭବିଷ୍ୟତ କରିବ । ପ୍ରତିପକ୍ଷ ରାଜନୈତିକ ଦଳର ନେତ୍ରୀଭାବରେ ପୂର୍ବ ସରକାରଙ୍କ କାର୍ଯ୍ୟକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିବା ଆଦୌ ଅପ୍ରାସଙ୍ଗିକ ବୋଲି କେହି କହିବେ ନାହିଁ । ମାତ୍ର ତାଙ୍କର ବୟସ ଓ ଜୀବନକୁ ନେଇ କୌଣସି ପ୍ରଶ୍ନ କଦାପି କେହି ଗ୍ରହଣ କରିପାରିବେ ନାହିଁ । ତାଳଗଛକୁ ଫୋପଡ଼ ମାରିଲେ ତାଳ ଖସିବାରେ ନିଶ୍ଚିତତା ନାହିଁ, କିନ୍ତୁ ଫୋପଡ଼ ଫିଙ୍ଗୁଥିବା ଲୋକର କାନ୍ଧରେ ଯନ୍ତ୍ରଣା ହେବା ନିଶ୍ଚିତ । ତେଣୁ ତାଳଗଛକୁ ଫୋପଡ଼ ମାରିବା ଅପେକ୍ଷା ପ୍ରଭାତୀ ମ୍ୟାଡ଼ାମ ବରଂ ନିଜ ଅଗଣାରେ ଥିବା ଗଛବୃଛର ଯତ୍ନ ନେବା ଆବଶ୍ୟକ । କାରଣ ଭୋଟ ବେଳେ ଲୋକେ କେବଳ ନେତାଙ୍କ ବକ୍ତବ୍ୟ ଶୁଣନ୍ତି ନାହିଁ, ସେମାନଙ୍କ ଆଚରଣ ଓ କାର୍ଯ୍ୟକୁ ମନେ ପକାନ୍ତି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।



“ଚ୍ୟାଲେଞ୍ଜ ଥିବା ଚରିତ୍ର ମୋର ପସନ୍ଦ”

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଲୋକପ୍ରିୟ ନାମ ମହାଶ୍ୱେତା ରାୟ । ଦୀର୍ଘ ୫୦ ବର୍ଷ ଧରି ଓଲିଉଡ୍ ଇଣ୍ଡଷ୍ଟ୍ରିରେ ସେ ନିଜ ଅଭିନୟର ଚମତ୍କାରିତା ପ୍ରଦର୍ଶନ କରିଆସିଛନ୍ତି । ଶିଶୁ କଳାକାରଠାରୁ ଆରମ୍ଭ କରି ମା’ ପର୍ଯ୍ୟନ୍ତ ବିଭିନ୍ନ ଚରିତ୍ରରେ ସେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜୟ କରିପାରିଛନ୍ତି । ସେହିପରି ମାଣିକରୁ ମାଳତୀ ଯାଏଁ ବିଭିନ୍ନ ଚରିତ୍ର ନାମରେ ସେ ପରିଚିତ । ଚଳିତବର୍ଷ ଦଶହରାରେ ରିଲିଜ୍ ହୋଇଥିବା ଛଅଟି ଓଡ଼ିଆ ସିନେମା ମଧ୍ୟରୁ ତିନୋଟିରେ ସେ ଅଭିନୟ କରି ସିନେଦର୍ଶକ ମନ ଭିତରେ ଏକ ଅଭୁଲା ଛାପ ଛାଡ଼ି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କ ସହ ହୋଇଥିବା ଆଳାପର କିୟଦଂଶ ଦୈନିକ ‘ସକାଳ’ର ପାଠକମାନଙ୍କ ପାଇଁ ଉପସ୍ଥାପନ କରୁଛୁ ।

ମହାଶ୍ୱେତା ରାୟ, ଅଭିନେତ୍ରୀ

ଉପସ୍ଥାପନା: ସୁମିତ୍ରା ସାହୁ

ଦଶହରା ଉପଲକ୍ଷେ ରିଲିଜ୍ ହୋଇଥିବା ଆପଣଙ୍କ ଅଭିନୀତ ‘ମଧୁମାଳତୀ’ ଚଳଚ୍ଚିତ୍ରର ସ୍ୱତନ୍ତ୍ରତା କ’ଣ ? ଏଥିରେ ଆପଣଙ୍କ ଭୂମିକା ସଂପର୍କରେ କିଛି କହିବେ?

● ‘ମଧୁମାଳତୀ’ ସିନେମାଟି ମୋ ପାଇଁ ନିହାତି ଭାବେ ସ୍ୱତନ୍ତ୍ର । ଏଥିରେ କେବଳ ମୁଁ ନୁହେଁ, ଭୂମିକା, ଆକାଶ ଏବଂ ପ୍ରତ୍ୟେକ ଚରିତ୍ର ସ୍ୱତନ୍ତ୍ର ଅଟେ । ମୋ’ ପାଇଁ ସିନେମାର ବିଶେଷତ୍ୱ ହେଉଛି ଏକବିଂଶ ଶତାବ୍ଦୀରେ ୮୦ ଦଶକର ଅନୁଭୂତିକୁ ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିଛି । ଏଥିରେ ଚରିତ୍ରଠାରୁ ଆରମ୍ଭ କରି ଫିଲ୍ମ ମେକିଂ, ସଂଳାପ, ପ୍ରତିଟି ଦୃଶ୍ୟରେ ସ୍ୱତନ୍ତ୍ରତା ରହିଛି । ସେ ସମୟରେ ମୋବାଇଲ୍, ଇଣ୍ଟରନେଟ୍‌ର ବ୍ୟବହାର କ’ଣ ଲୋକେ ଜାଣିନଥିଲେ । ତଥାପି ସେ ସମୟର ପ୍ରେମ ଥିଲା ନିଆରା । ଆଖିରେ ଆଖିରେ ଅନେକ ଅକୁହା କଥାକୁ ବୁଝି ହେଉଥିଲା । ଇସାରାରେ ପରସ୍ପର ମଧ୍ୟରେ କଥା ହେବା, ମୁହୂର୍ତ୍ତକର ଝଲକ୍ ସାରାଦିନ ଖୁସି ଅନୁଭବ ଦେବା ଆଦି ଅନେକ ଘଟଣାକୁ ବାସ୍ତବତାରେ ପରିଣତ କରିବାକୁ ପ୍ରତ୍ୟେକଟି ଚରିତ୍ର ଚେଷ୍ଟା କରିଛନ୍ତି । ବିଶେଷ କରି ସେ ସମୟରେ ଗାଁର ଦୃଶ୍ୟ, ବେଶଭୂଷା, ପରିପାଟୀ ଯେମିତି ସିନେମା ନୁହେଁ, ବାସ୍ତବରେ ୮୦ ଦଶକକୁ ନେଇଯାଇଥିଲା ।

ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ରାଙ୍କ ସହିତ ଅଭିନୟ କରିବାର ଅନୁଭୂତି କେମିତି ଥିଲା?

● ସଞ୍ଜୟ ମିଶ୍ରା ଜଣେ ପ୍ରତିଭାବାନ କଳାକାର । ସେ ବଡ଼ ବଡ଼ ପ୍ରଡକ୍ସନ୍ ହାଉସ୍‌ରେ କାମ କରିଛନ୍ତି । କିନ୍ତୁ ଓଡ଼ିଶା ଇଣ୍ଡଷ୍ଟ୍ରିରେ ସେ ଏତେ ସହଜରେ କାମ କରିପାରିବେ ବୋଲି ବିଶ୍ୱାସ ନଥିଲା । ତାଙ୍କ ଇଣ୍ଡଷ୍ଟ୍ରି ତୁଳନାରେ ଆମ ଇଣ୍ଡଷ୍ଟ୍ରି ନିଶ୍ଚିତ ଭାବେ ଛୋଟ । ତେବେ ସେ ଏତେ ସୁନ୍ଦର ଭାବେ ଆଡଜଷ୍ଟ କରିଛନ୍ତି । ଆମେ ତାଙ୍କୁ ସମ୍ମାନ, ଭଲପାଇବା ବ୍ୟତୀତ ଅଧିକ କିଛି ଦେଇନାହୁଁ । ତାଙ୍କର ସଂଳାପ ଉଚ୍ଚାରଣ, ସହଯୋଗ ଏତେ ଭଲ ଥିଲା ଯେ, ଅଭିନୟ ପୂର୍ବରୁ ମନରେ ଯେଉଁ ଭୟ ଥିଲା ତାହା ଧୀରେ ଧୀରେ ଦୂର ହୋଇଥିଲା । ମୁଁ ମୋ’ ତରଫରୁ ତାଙ୍କୁ କହିଥିଲି ଆପଣ ଯେଉଁଠି ଅସୁବିଧା ଅନୁଭବ କରିବେ କହିବେ । ତେବେ ସେଭଳି କିଛି ହୋଇନଥିଲା । ଶେଷ ପର୍ଯ୍ୟନ୍ତ ତାଙ୍କ ସହଯୋଗ ମିଳିଥିଲା । ତେଣୁ ପ୍ରତିଟି ଦୃଶ୍ୟ ଜୀବନ୍ତ ହୋଇପାରିଛି । ସେଥିପାଇଁ ତାଙ୍କୁ ହୃଦୟରୁ ଧନ୍ୟବାଦ ଦେବି ।

ପୂଜାରେ ରିଲିଜ୍ ହୋଇଥିବା ତିନୋଟି ଚଳଚ୍ଚିତ୍ରରେ ଆପଣ ଅଭିନୟ କରିଛନ୍ତି । କେଉଁ ସିନେମାର ଚରିତ୍ର ଆପଣଙ୍କୁ ଅଧିକ ଆତ୍ମସନ୍ତୋଷ ମିଳିଛି?

● ‘ମଧୁମାଳତୀ’, ‘ଗେମ୍ ଓଭର’ ଏବଂ ‘ମନଷ୍ଟର୍’ରେ ମୁଁ ଅଭିନୟ କରିଛି । ଯଦିଓ ତିନୋଟି ଯାକ ସିନେମାରେ ଭିନ୍ନ ଭିନ୍ନ ଚରିତ୍ର ରହିଛି, ସବୁ ଚରିତ୍ରରେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛି । ତେଣୁ ପ୍ରତ୍ୟେକ ଚରିତ୍ର ମାଧ୍ୟମରେ ମୁଁ ନିଜକୁ ହଜାଇ ଦେଇଛି । ସମସ୍ତ ଦର୍ଶକଙ୍କୁ ଭଲ ଲାଗୁଥିବ ବୋଲି ମୋର ବିଶ୍ୱାସ । ତେବେ ‘ମଧୁମାଳତୀ’ ମୋ’ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ଦେଇଛି । କାରଣ ଏହା ଏକ ନିଆରା ପ୍ରେମ କାହାଣୀ ଅଟେ ।

ଆପଣ ଶିଶୁଠାରୁ ଆରମ୍ଭ କରି ମା’ ପର୍ଯ୍ୟନ୍ତ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି । ଆପଣଙ୍କର ଆଉ କିଛି ଡ୍ରିମ୍ ରୋଲ୍ ରହିଯାଇଛି ବୋଲି ଅନୁଭବ କରୁଛନ୍ତି କି?

● ମୋର ସିନେମା କ୍ୟାରିୟର ଭିତରେ ଅନେକ ଭୂମିକାରେ ଅଭିନୟ କରିଛି । ଶିଶୁ କଳାକାରଠାରୁ ଆରମ୍ଭ କରି ନାୟିକା, ଖଳନାୟିକା ଚରିତ୍ରରେ ମଧ୍ୟ ଦର୍ଶକଙ୍କ ଭଲପାଇବା ମିଳିଛି । ଯଦିଓ ମନରେ ସେଭଳି କିଛି ସ୍ୱତନ୍ତ୍ର ଭୂମିକାରେ ଅଭିନୟ କରିବାର ଡ୍ରିମ୍ ନାହିଁ, କିନ୍ତୁ ଯେଉଁ ଚରିତ୍ରରେ ଚ୍ୟାଲେଞ୍ଜ ଥାଏ ସେଇ ଚରିତ୍ର କରିବାକୁ ମୁଁ ପସନ୍ଦ କରେ । ଯେମିତି ଦର୍ଶକମାନେ ମୋତେ ପଜିଟିଭ୍ ଚରିତ୍ରରେ ଦେଖିଆସୁଥିବା ବେଳେ ହଠାତ୍ ‘ସାବତ ମା’ ଫିଲ୍ମରେ ନେଗେଟିଭ୍ ଭୂମିକାରେ ବି ଗ୍ରହଣ କଲେ । ସେଇଟା ମୋ ପାଇଁ ଚ୍ୟାଲେଞ୍ଜିଂ ଥିଲା । ତେବେ ଆଗକୁ ଏକ ନେଗେଟିଭ୍ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରହିଛି । ତେବେ ଚରିତ୍ରଟି ଚ୍ୟାଲେଞ୍ଜିଂ ହେବା ଦରକାର ।

ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ଅନ୍ୟ ଭାଷାରୁ କପି କରାଯାଉଥିବା ଅଭିଯୋଗ ହେଉଥିଲା । ସାଂପ୍ରତିକ ଓଡ଼ିଆ ସିନେମା ସଂପର୍କରେ ଆପଣଙ୍କ ମତ କ’ଣ?

● କଥାରେ ଅଛି, ନେଇଆଣି ଥୋଇ ପାରିଲେ ଚୋରିବିଦ୍ୟା ଭଲ । ଠିକ୍ ସେମିତି କିଛି କିଛି ଦୃଶ୍ୟ କପି କରାଯାଇଥାଏ । କିନ୍ତୁ ସମ୍ପୂର୍ଣ୍ଣ ସିନେମାକୁ କପି ପେଷ୍ଟ କରିଦେଲେ ଦର୍ଶକ ତାହାକୁ ଗ୍ରହଣ କରିବେ ନାହିଁ । ବର୍ତ୍ତମାନ ଧୀରେ ଧୀରେ ଓଡ଼ିଆ ସିନେମା ମୌଳିକ କାହାଣୀ ଉପରେ ତିଆରି କରାଯାଉଛି । ନବାଗତମାନେ ସେମାନଙ୍କ ଚିନ୍ତାଧାରା ବା ସୃଜନଶୀଳ ପ୍ରତିଭା ଦ୍ୱାରା କାହାଣୀ ରଚନା, ନିର୍ଦ୍ଦେଶନା, ପ୍ରଯୋଜନା ସବୁକିଛି କରୁଛନ୍ତି । ଯାହାକି ଓଡ଼ିଆ ସିନେମାକୁ ଏକ ନୂଆ ଦିଶା ଦେଖାଇଛି । ଦର୍ଶକ ହଲ୍‌ରେ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି । ଏହି ପରିବର୍ତ୍ତନ ନିଶ୍ଚିତ ଭାବେ ଓଡ଼ିଆ ସିନେମା ଜଗତ ପାଇଁ ଶୁଭ ସଙ୍କେତ ଦେଉଛି ।

ଓଡ଼ିଆ ସିନେମା ଜଗତରେ ବର୍ତ୍ତମାନ ସମୟରେ କ’ଣ ଆବଶ୍ୟକତା ରହିଛି?

● ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସିନେମା ହଲ୍‌ର ଅଭାବ । ଦଶହରାରେ ଏତେ ଓଡ଼ିଆ ସିନେମା ରିଲିଜ୍ ହେଲା କିନ୍ତୁ, କେତେକ ହଲ୍‌ରେ ଦିନକୁ ଗୋଟିଏ ମାତ୍ର ଶୋ’ ରହିଛି । ତାହାପୁଣି ଉପଯୁକ୍ତ ସମୟରେ ନୁହେଁ । ତେଣୁ ଦର୍ଶକ ହଲରେ ସିନେମା ଦେଖିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଗୋଟିଏ ସିନେମା ପାଇଁ ପୂରା ଟିମ୍ କେତେ ପରିଶ୍ରମ କରନ୍ତି, ସେକଥା ଅନ୍ୟ କେହି ବୁଝି ପାରିବେନି । ଯେତେବେଳେ ସିନେମାଟି ରିଲିଜ୍ ହେବାକୁ ହଲ୍ ମିଳେ ନାହିଁ କିମ୍ବା ଅଳ୍ପ ଦିନରେ ଉଠିଯାଏ, ନିର୍ମାତାଙ୍କଠାରୁ ଆରମ୍ଭ କରି କଳାକାର, ଟେକ୍ନିସିଆନ ସମସ୍ତଙ୍କୁ କଷ୍ଟ ଲାଗେ । ତେଣୁ ଏବେ ଯେଉଁଭଳି ସିନେମା ତିଆରି କରାଯାଉଛି ସେଥିପାଇଁ ପ୍ରଚୁର ପରିମାଣରେ ହଲ୍‌ର ଆବଶ୍ୟକତା ରହିଛି ।

ଯୁବ କଳାକାରମାନଙ୍କ ପାଇଁ କ’ଣ ବାର୍ତ୍ତା ଦେବେ?

● ଯୁବ କଳାକାରମାନଙ୍କୁ ସେଭଳି କୌଣସି ବାର୍ତ୍ତା ଦେବି ନାହିଁ । କାରଣ ଯେଉଁମାନେ ଏ କ୍ଷେତ୍ରରେ ନିଜର କ୍ୟାରିଅର୍ କରିବାକୁ ଚାହୁଁଛନ୍ତି ବା ପାଦ ରଖୁଛନ୍ତି ସେମାନେ ପ୍ରଥମେ ନିଜର ଲକ୍ଷ୍ୟକୁ ବାଛନ୍ତୁ । ସଫଳତା ନିଶ୍ଚୟ ପାଇବେ । ■

କେମିତି କଟିବ ସପ୍ତାହ

ମେଷ — ରବି, ସୋମବାରରେ ପରିଶ୍ରମର ଫଳ ପାଇବେ । ମଙ୍ଗଳ, ବୁଧବାରରେ ସମସ୍ୟାର ସମାଧାନ ରାସ୍ତା ପାଇବେ । ବନ୍ଧୁବାନ୍ଧବଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟରେ ସମସ୍ୟା ଦେଖାଦେବ । ହେବାକୁ ଯାଉଥିବା କାମ ବିଗିଡ଼ି ଯାଇପାରେ ।

ବୃଷ — ରବି, ସୋମବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି । ମଙ୍ଗଳ, ବୁଧବାରରେ ଆୟର ନୂତନ ସ୍ରୋତ ଉନ୍ମୋଚନ ହେବ । ଧନ ସମ୍ପତ୍ତି ବୃଦ୍ଧି ପାଇବ । ଗୁରୁ, ଶୁକ୍ର, ଶନିବାରରେ କଠିନ ପରିଶ୍ରମର ଫଳ ପାଇବେ ।

ମିଥୁନ — ରବି, ସୋମବାରରେ ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହୋଇପାରନ୍ତି । ଗୁରୁ ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ନିଅନ୍ତୁ । ମହିଳାମାନେ ଅବହେଳାର ଶିକାର ହେବେ ।

କର୍କଟ — ରବି, ସୋମବାରରେ ପଦୋନ୍ନତିର ଯୋଗ ରହିଛି । କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ହେବ । ମାନସମ୍ମାନର ଅଧିକାରୀ ହେବେ । ମଙ୍ଗଳ, ବୁଧବାରରେ ପରିବାର ସହ ତୀର୍ଥସ୍ଥାନ ଦର୍ଶନ କରିବାକୁ ଯାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ନୂତନ ସାହସ ସଂଚାର କରି ଆଗକୁ ବଢ଼ିବେ ।

ସିଂହ — ରବି, ସୋମବାରରେ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ କୌଣସି ଖବର ପାଇ ଉତ୍ସାହିତ ରହିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ଧର୍ମାଦି କାର୍ଯ୍ୟରେ ମନ ବଳାଇବେ । ମହିଳାମାନେ ଚଳଚଞ୍ଚଳ ରହିବେ ।

କନ୍ୟା — ରବି, ସୋମବାରରେ ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବେ । ମଙ୍ଗଳ, ବୁଧବାରରେ ତରବରିଆ ଭାବରେ ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ । ବିଭିନ୍ନ କ୍ଷେତ୍ରରୁ ମିଶ୍ରିତ ଫଳ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟିକ ସମସ୍ୟା ଦେଖାଦେଇପାରେ ।

ତୁଳା — ରବି, ସୋମବାରରେ ଶାରୀରିକ ଅସୁସ୍ଥତା ପାଇଁ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବେ । ଗୁରୁ, ଶୁକ୍ର, ଶନିବାରରେ ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

ବିଛା — ରବି, ସୋମବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ଶୁଭ ସମାଚାର ପାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭୂ-ସଂପତ୍ତି କ୍ରୟ କରିପାରନ୍ତି । ପାରିବାରିକ ମିଳାମିଶା ଓ ସୁଖସମୃଦ୍ଧି ବୃଦ୍ଧି ପାଇବ ।

ଧନୁ — ରବି, ସୋମବାରରେ ଭବିଷ୍ୟତ ପାଇଁ ନୂତନ ଯୋଜନା କରିବେ । ମଙ୍ଗଳ, ବୁଧବାରରେ ମନର ଶାନ୍ତି ପାଇଁ ଏକୁଟିଆ ରହିବାକୁ ପସନ୍ଦ କରିବେ । ଗୁରୁ ,ଶୁକ୍ର, ଶନିବାରରେ ଉଚ୍ଚ ବିଚାର ଏବଂ ସକାରାତ୍ମକ ଚିନ୍ତାଧାରା ଧରି ଆଗକୁ ବଢ଼ିବେ ।

ମକର — ରବି, ସୋମବାରରେ ସାଙ୍ଗସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ମଙ୍ଗଳ, ବୁଧବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ଗୁରୁ ,ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟର ପାଇଁ ନୂତନ ସୁଯୋଗ ପାଇବେ ।

କୁମ୍ଭ — ରବି, ସୋମବାରରେ ଅଯଥା ଚିନ୍ତା କରି ମାନସିକ ଅବସାଦରେ ରହିପାରନ୍ତି । ମଙ୍ଗଳ, ବୁଧବାରରେ ଧାର୍ମିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଗୁରୁ, ଶୁକ୍ର, ଶନିବାରରେ ନୂତନ ସମ୍ପର୍କରେ ବାନ୍ଧି ହୋଇପାରନ୍ତି । ପରିବାରରେ ଅଶାନ୍ତି ଲାଗି ରହିବ ।

ମୀନ — ରବି, ସୋମବାରରେ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ । ମଙ୍ଗଳ, ବୁଧବାରରେ ଉତ୍ସାହିତ ହୋଇ ଅଯଥା ଖର୍ଚ୍ଚ କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭାଙ୍ଗିଯାଇଥିବା ସମ୍ପର୍କ ପୁନଶ୍ଚ ଯୋଡ଼ି ହୋଇଯିବ । ଭ୍ରମଣ ଯୋଗ ରହିଛି । ■